## ହୀରାକୁଦ ଡ୍ୟାମ୍‌ରେ କେଜ୍‌କଲ୍‌ଚର ମାଛଚାଷ

# ଏକାଥରକେ ଅମଳ ହେବ ୧୮ ମେଟ୍ରିକ୍ ଟନ୍

**ସମ୍ବଲପୁର, ୧।୩(ସମିସ)**

ହୀରାକୁଦ ଜଳଭଣ୍ଡାରରେ କେଜ କଲଚର ପ୍ରଣାଳୀରେ ମାଛ ଚାଷରେ ପ୍ରାୟ ୧ ବର୍ଷ ପରିଶ୍ରମ କରିବା ପରେ ଏବେ ଅମଳ ହେବା ସମୟ ଆସିଯାଇଛି। ଏହାକୁ ନେଇ ମିଶନ ଶକ୍ତିର ୪ ଗୋଟି ଏସ୍‌ଏଚ୍‌ଜିର ସଦସ୍ୟାମାନେ ବେଶ ଉତ୍ସାହିତ ଅଛନ୍ତି। ଅମଳ କରି ବିକ୍ରି କରିବେ ଓ ଭଲ ରୋଜଗାର ହୋଇପାରିବ ସେ ନେଇ ଆଶା ବାନ୍ଧିଛନ୍ତି।

- ବିକ୍ରି ପାଇଁ ଭେଣ୍ଡର ଚୟନ ପ୍ରକ୍ରିୟା ଆରମ୍ଭ
- ରାଜ୍ୟ ବାହାର ବ୍ୟବସାୟୀ ପାଇବେ ସୁଯୋଗ

ମାଛ ଅମଳ କରିବା ଏବେ ଉଚିତ ସମୟ ଆସିଛି। ହେଲେ ପ୍ରଶାସନ ପକ୍ଷରୁ ଏବେ ଭେଣ୍ଡର ଖୋଜା ପକ୍ରିୟା ଚାଲିଛି। ପ୍ରାୟ ୧୮ ହଜାର କେଜି ମାଛ ଏକା ଥରକେ କିଏ କିଣିବ ସେନେଇ ଉପଯୁକ୍ତ ଭେଣ୍ଡର ଏପର୍ଯ୍ୟନ୍ତ ମିଳିପାରି ନାହାନ୍ତି। ମାର୍ଚ୍ଚ ଶେଷ ସୁଦ୍ଧା ଛଡ଼ା ଯାଇଥିବା ସବୁ ମାଛକୁ ବିକ୍ରି କରିବା ପରେ ପୁଣି ଚାଷ କରିବେ ସେ ନେଇ ମହିଳା ସଦସ୍ୟମାନେ ଅଣ୍ଟା ଭିଡ଼ିଛନ୍ତି। ରାଜ୍ୟ ବାହାର ଭେଣ୍ଡର ସହିତ ମଧ ଯୋଗାଯୋଗ କରାଯାଇଥିବା ଓଏଲଏମ ଜିଲ୍ଲା ସଂଯୋଜିକା ପୁଷ୍ପଶ୍ରୀ ନାୟକ କହିଛନ୍ତି। ସେ ଆହୁରି କହିଥିଲେ ଯେ, ଧନକଉଡ଼ା ବ୍ଲକ କିଲାସମା ପଞ୍ଚାୟତ ବଲବସପୁର ଗ୍ରାମର ଅଲିଭା ଏସଏଚଜି, ମନିଷା ଏସଏଚଜି, ଜୟ ମାଁ ଦୁର୍ଗା ଏସଏଚଜି, ଶୁଭଶ୍ରୀ ଏସଏଚଜି ହୀରାକୁଦ ଜଳ ଭଣ୍ଡାରେ କେଜ କଲଚରରେ ମାଛ ଚାଷ କରିଛନ୍ତି। ସରକାରଙ୍କ ସମସ୍ତ ସହାୟତା ଯୋଗାଇ ଦିଆଯାଇଛି। ମାଛ ଜାଆଁଳ ଠାରୁ ଆରମ୍ଭ କରି ଖାଦ୍ୟ ଓ କିପରି ଚାଷ କରିବେ ତାହାର ପରାମର୍ଶ ବିଶେଷଜ୍ଞ ମାନେ ଦେଇ ଆସୁଥିଲେ। ବିଭିନ୍ନ ପ୍ରଜାତିର ୧୮ ହଜାର ଜାଆଁଳା ଛଡା ଯାଇଥିଲା। ଏବେ ଏକବର୍ଷରୁ ଅଧିକ ହୋଇଯାଇଛି। ଗୋଟିଏ ମାଛର ଓଜନ ପ୍ରାୟ ୧ କିଲୋ ରୁ ୧.୫ କିଲୋ ହୋଇସାରିଛନ୍ତି। ମାଛ ଜାଆଁଳା ଉନ୍ନତ ମାନ ଓ ସାଇଜର ଛଡାଯାଇଥିଲା। ବଞ୍ଚିବାର ପରିମାଣ ଅଧିକ ରହିଛି। ଏବେ ୧୮ ହଜାର କେଜି ମାଛ ଅମଳ ହେବ ବୋଲି ଆଶା କରାଯାଉଛି। ହେଲେ ଭେଣ୍ଡର ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ବାହାର ଭେଣ୍ଡରକୁ ମଧ ସୁଯୋଗ ଦିଆଯିବ ବୋଲି କହିଥିଲେ। ସୂଚନା ଯୋଗ୍ୟଯେ, ହୀରାକୁଦ ଜଳଭଣ୍ଡାରକୁ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଦିଗରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଭବିଷ୍ୟତରେ ଏହି ମାଛ ଉତ୍ପାଦନ ବୃଦ୍ଧି ପାଇବାକୁ ଥିବାରୁ ବସନ୍ତପୁରଠାରେ ଏକ ସମନ୍ୱିତ ପାର୍କ ପ୍ରତିଷ୍ଠା କରିବାକୁ ରୂପରେଖ ପ୍ରସ୍ତୁତ ହୋଇଛି। ୧୪୦ ଏକର ପରିମିତ ଜମିରେ ଏହି ପାର୍କ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନ ଜଳଭଣ୍ଡାରରୁ ଉତ୍ପାଦିତ ହେଉଥିବା ୮ଟି ପ୍ରଜାତିର ମାଛ ଅଞ୍ଚଳିକ ବଜାର ସହିତ ଭୁବନେଶ୍ୱର ଓ କଲିକତା ଓ ରାୟପୁର ବଜାରରେ ବିକ୍ରି ହେଉଛି। ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାର ମତ୍ସ୍ୟଜୀବି ମାନେ ନିର୍ଭର କରନ୍ତି। ଏଠାରେ ୨୦ଟି ମଧୁର ଜଳ ମାଛ ପରିବାରର ୮୭ ପ୍ରଜାତିର ମାଛ ମିଳୁଥିବା ବେଳେ ଏଥିରେ ୨୪ ପ୍ରଜାତିର ଅଧିକ ମୂଲ୍ୟର ବିକ୍ରି ହେଉଥିବା ମାଛ ମିଳିଥାଏ। ସେଥିମଧ୍ୟରେ ମୁଖ୍ୟ ଓ ଗୌଣ କାର୍ପ ଶିକାରୀ ମାଛର ବିଭିନ୍ନ ପ୍ରନୀତି, ଅନ୍ୟାନ୍ୟ ମାଛ ଓ ଚିଙ୍ଗୁଡ଼ି ଅନ୍ତର୍ଭୁକ୍ତ ରହିଛି। ଏହା ଉପରେ ପ୍ରାୟ ୫ ହଜାର ମତ୍ସ୍ୟଜୀବି ସେମାନଙ୍କର ଜୀବନ ଜୀବିକା ନିର୍ବାହ କରନ୍ତି। ୧୦୦୦ ବର୍ଗ ମିଟର ଜଳ ଭାଗକୁ ଜୋନ୍ ହିସାବରେ ଗ୍ରହଣ କରାଯାଇ ଲିଜ ଦିଆଯାଉଛି। ଏଥିପାଇଁ ଉଦ୍ୟୋଗୀମାନେ ପସନ୍ଦ କରିଛନ୍ତି। ହୀରାକୁଦ ଜଳଭଣ୍ଡାରରୁ ୪୦ ମେଟ୍ରିକଟନ୍ ମଧୁର ଜଳ ମାଛ ଉତ୍ପାଦନ ଲକ୍ଷ ରଖାଯାଇଛି। ଏହାଦ୍ୱାରା ଅଭିବୃଦ୍ଧି, ଆତ୍ମନିର୍ଭରଶୀଳତା, ବୃଦ୍ଧି ପାଇବ। ମୁଣ୍ଡପିଛା ଆୟ ବୃଦ୍ଧି, ସମାଜିକ ଓ ଆର୍ଥକ କ୍ଷେତ୍ରରେ ମହିଳାମାନଙ୍କ ଉନ୍ନତି ହୋଇପାରିବ ବୋଲି ଆଶା ରହିଛି। ୨୦୨୧-୨୨ରେ ୭୩: ମେଟ୍ରିକ୍ ଟନ୍‌ରୁ ୨୦୨୨-୨୩ରେ ୧୩, ୮୯୯ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି।





## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



**ରେଢ଼ାଖୋଲ, ୧।୩(ସମିସ):** ଆସନ୍ତାକାଲି ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରେଢ଼ାଖୋଲ ଗସ୍ତରେ ଆସୁଛନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୁଲିସ ପକ୍ଷରୁ ମକ୍‌ଡ୍ରିଲ ହୋଇଛି। ମହାମହିମ ରାଷ୍ଟ୍ରପତି କଦଳୀଗଡ଼ ହାଇସ୍କୁଲ ପଡ଼ିଆରେ ହୋଇଥିବା ହ୍ୟାଲିପେଡରେ ସକାଳ ୧୧.୪୫ ରେ ପହଁଚି ରେଢ଼ାଖୋଲର ମଧୁପୁର ସ୍ଥିତ ପ୍ରାପ୍ତିପୀଠ, କନ୍ଦରା ସ୍ଥିତ ସ୍ମୃତି ପୀଠ, କାଙ୍କନପଡ଼ା ସ୍ଥିତ ସିଦ୍ଧିପୀଠକୁ ଯାଇ ସନ୍ଥକବି ଭୀମଭୋଇଙ୍କ ସାନ୍ନିଧ ଲାଭ କରି ତିନି ପୀଠର ପରିକ୍ରମା କରିବେ। ତା'ପରେ ରେଢ଼ାଖୋଲ ପୂର୍ତ୍ତ ବଙ୍ଗଳାରେ ମଧାହ୍ନ ଭୋଜନ ସାରି ରେଢ଼ାଖୋଲ ମିନି ଷ୍ଟାଡିୟମରେ ହେବାକୁ ଥିବା ମହିମା ସାଧୁସନ୍ଥଙ୍କ ସମ୍ମିଳନୀ ରେ ଯୋଗଦେଇ ଅଭିଭାଷଣ ରଖିବେ। ପୁଲିସ ପ୍ରଶାସନ ପକ୍ଷରୁ ମକଡ୍ରିଲ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରାକ୍ ପ୍ରସ୍ତୁତ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତର ସୁରକ୍ଷା ଦୃଷ୍ଟିରୁ ରେଢ଼ାଖୋଲର ସାପ୍ତାହିକ ହାଟକୁ ଆସନ୍ତାକାଲି ବନ୍ଦ ରଖାଯାଇଛି। କଦଳୀଗଡ଼ ରେଢ଼ାଖୋଲ ରାସ୍ତା ଏବଂ ରେଢ଼ାଖୋଲ ସହର ଜାତୀୟ ରାଜପଥକୁ ଗସ୍ତ ସମୟରେ ଯାତାୟାତ ବନ୍ଦ କରାଯିବ, ସୁରକ୍ଷା ପାଇଁ ୮ ଜଣ ଏସ୍‌ପି, ୨୫୦ ପୁଲିସ ଅଫିସର, ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ସମ୍ବଲପୁର ଜିଲ୍ଲା ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଜେଣ ମହିଳା ପୁଣି ଓଡ଼ିଶାର ହୋଇଥିବା ଦୃଷ୍ଟିରୁ ଅଞ୍ଚଳର ମହିଳା ମା ନେ ତାଙ୍କୁ ଦେଖିବାକୁ ବେଶ୍ ଉତ୍ସାହିତ ହୋଇ ରହିଛନ୍ତି। ସମଗ୍ର ରେଢ଼ାଖୋଲ ଅଞ୍ଚଳ ରେ ଏକ ପ୍ରକାର ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି।

## ରାସ୍ତା ନିର୍ମାଣରେ ଅନିୟମିତତା ଓ ନିମ୍ନମାନର ଅଭିଯୋଗ



**ଜମନକିରା, ୧।୩(ସମିସ):** ବାମରା ବନ୍ୟପ୍ରାଣୀ ବଡ଼ରମା ବନାଞ୍ଚଳରେ ସରକାରଙ୍କ ଆଦେଶ ଓ ନିୟମର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ବଡ଼ରମା ରେଞ୍ଜ ଅନ୍ତର୍ଗତ ପଥୁରିଆ ଠାରୁ ପୁଡ଼ାଦିହି ରାସ୍ତା ରକ୍ଷଣାବେକ୍ଷଣା ପାଇଁ ଅନୁଦାନ ରାଶି ରାଜ୍ୟ ସରକାର ପ୍ରଦାନ କରିଥିବା ବେଳେ କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ ପଥୁରିଆ ଠାରୁ ପୁଡ଼ାଦିହି ରାସ୍ତା ପ୍ରାୟ ୫ କିଲୋମିଟ ଉଷାକୋଟି ଅଭୟାରଣ୍ୟରେ ରହିଥିବାରୁ ଉକ୍ତ ରାସ୍ତାଟି ବର୍ଷାରେ ଖାଲ ଖମାର ହୋଇଯାଇଛି। ଏହି ରାସ୍ତା ମରାମତି ପାଇଁ ବଡ଼ରମା ରେଞ୍ଜ ଅଧିକାରୀଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ରାସ୍ତା କାମ ଆରମ୍ଭ ହୋଇଥିବା ବେଳେ ସୂଚନା ଫଳକ ମଧ ଲଗାଯାଇ ନାହିଁ। ରାସ୍ତା କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବଡ଼ରମା ରେଞ୍ଜର ଗିରିଧାରୀ ପ୍ରଧାନ ଙ୍କୁ ପଚାରିବାରୁ ରାସ୍ତା ମରାମତି କାର୍ଯ୍ୟ ରେ କୌଣସି ପ୍ରକାର ଅନିୟମିତତା ହେଉନାହିଁ ବୋଲି କହିଛନ୍ତି।

## ଯୁଯୁମୁରା କଲେଜ ଅଧ୍ୟକ୍ଷଙ୍କ ଶେଷକୃତ୍ୟ ସମ୍ପନ୍ନ

**ଯୁଯୁମୁରା, ୧।୩(ସମିସ):** ଯୁଯୁମୁରା ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ହୋତାଙ୍କ ମାତ୍ର ୫୨ବର୍ଷ ବୟସରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ପରଲୋକ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କର ମଧୁମେହ, ରକ୍ତଚାପ ରହିଥିବା ବେଳେ ଅଗ୍ନାଶୟରେ ସମସ୍ୟା ରହିଥିଲା। ଗତ ୧୩ ତାରିଖରୁ ପରିବାର ଲୋକ ତାଙ୍କୁ ଭୁବନେଶ୍ୱରର ଆପୋଲୋରେ



ଚିକିତ୍ସା କରୁଥିଲେ। ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟାରେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱର୍ଗତ ହୋତା ଜଣେ ମେଳାପୀ, ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ସ୍ୱର୍ଗତ ହୋତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କର ପତ୍ନୀ ସୁନିତା ଯୋଶୀ ଓ ପୁଅ ସିଦ୍ଧାର୍ଥ(୧୭) ଅଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ଦୁଖ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିଧାୟକ ରୋହିତ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଅଚାର୍ଯ୍ୟ, ବରୁଣ ଦେହୁରି ଭଳି ଦଳୀୟ ନେତା, ବୁଦ୍ଧିଜୀବି, ଶିକ୍ଷାବିତ ମାନେ ଦୁଃଖ ପ୍ରକାଶ କରିଛନ୍ତି।

# ସମ୍ବଲପୁରରେ ପ୍ରୋଜେକ୍ଟ ଓଡିସର୍ଭ

- ଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କୁ ଦକ୍ଷ, ରୋଜଗାରକ୍ଷମ କରାଇବ
- ବ୍ୟାଙ୍କ, ଫାଇନାନ୍ସ ଓ ବୀମା କ୍ଷେତ୍ରରେ ଦିଆଯିବ ପ୍ରଶିକ୍ଷଣ

**ସମ୍ବଲପୁର, ୧।୩(ସମିସ):** ଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କୁ ବ୍ୟାଙ୍କିଂ, ଫାଇନାନ୍ସ ଓ ବୀମା କ୍ଷେତ୍ରରେ ଅଧିକ ଦକ୍ଷ ଓ ରୋଜଗାରକ୍ଷମ କରାଇବା ପାଇଁ ପ୍ରଶିକ୍ଷଣ ଦେବା ଦିଗରେ ଶୁକ୍ରବାର ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ଅଧୀନ ଏନ୍‌ଏସ୍‌ଡିସି ଓ ବଜାଜ ଫିନସର୍ଭର ମିଳିତ ବୁଝାମଣାରେ ପ୍ରୋଜେକ୍ଟ ଓଡିସର୍ଭର ଶୁଭାରମ୍ଭ ହୋଇଛି। ଏହାକୁ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ହୋଇଥିବା ଜାତୀୟ ଶିକ୍ଷା ନୀତି ଛାତ୍ରଛାତ୍ରୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ପରାମର୍ଶ ଦେଉଛି। ରୋଜଗାରକ୍ଷମ କରିବା ପାଇଁ କେବଳ ଡିଗ୍ରୀ ପର୍ଯ୍ୟାପ୍ତ ନୁହେଁ ବରଂ ଛାତ୍ରଛାତ୍ରୀଙ୍କ ସାମର୍ଥ୍ୟ ଓ ଦକ୍ଷତା ବଢ଼ାଇବା। ଡିଗ୍ରୀ ଯେତିକି ଗୁରୁତ୍ୱପୂର୍ଣ୍ଣ, ଦକ୍ଷତା ମଧ ସେତିକି ଗୁରୁତ୍ୱପୂର୍ଣ୍ଣ। ସମାଜର ନୂଆପୀଢ଼ି ବିଶେଷତଃ ଗ୍ରାଜୁଏସନ କରୁଥିବା ସାଧାରଣ ଘରର ପିଲାମାନଙ୍କ ଦକ୍ଷତା ବଢ଼ିବା ଦରକାର। ସେହି ପରିପ୍ରେକ୍ଷୀରେ ବ୍ୟାଙ୍କିଙ୍ଗ, ଆର୍ଥିକ ସେବା ଏବଂ ବୀମା କ୍ଷେତ୍ରରେ ଯୁବପୀଢିଙ୍କ ଦକ୍ଷତା ବିକାଶ ପାଇଁ ଦେଶର ଅଗ୍ରଣୀ ଫାଇନାନ୍ସ କମ୍ପାନୀ ବଜାଜ୍ ଫିନସର୍ଭ ଓ ଏନଏସଡିସି ମଧ୍ୟରେ ବୁଝାମଣା ହେବା ଖୁସିର ବିଷୟ। ଆର୍ଥିକ ସେବା, ଆକାଉଣ୍ଟ ସହାୟକ, ସେଲ୍‌ଫ ସହାୟକ, ବ୍ୟବସାୟ ପ୍ରତିନିଧି, ବୀମା ଏଜେଣ୍ଟ, ଡାଟା ଆନାଲିଷ୍ଟ, କ୍ରେଡିଟ୍ ପ୍ରୋସେସିଂ ଅଫିସର, ଲୋନ ଏଜେଣ୍ଟ ଏବଂ ଜିଏସଟି ସହାୟକ ଆଦି ପାଇଁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆମର ଯୁବକ ମାନଙ୍କୁ ପ୍ରଶିକ୍ଷିତ କରିବ। ରାଜ୍ୟରେ ୬୦ଟି କଲେଜରେ ଏହି ପ୍ରଶିକ୍ଷଣ ଆରମ୍ଭ କରାଯିବାର ଯୋଜନା ଥିବା ବେଳେ ସମ୍ବଲପୁରରେ ପ୍ରାୟ ୧୭ଟି କଲେଜରେ ଏଭଳି ପ୍ରଶିକ୍ଷଣ ଆରମ୍ଭ ହେଉଛି। ବର୍ତ୍ତମାନ ସୁଦ୍ଧା ୧୧୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଏହି ପ୍ରଶିକ୍ଷଣରେ ନାମ ଲେଖାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକ ଜଣ ନିଯୁକ୍ତି ପତ୍ର ପାଇଛନ୍ତି। ଆଜିର ଅବସରରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଫାଇନାନ୍ସ ସେକ୍ଟରରେ ସୁଯୋଗ ଦେବା ପାଇଁ ଦେଶର ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ବଜାଜ୍ ଫିନସର୍ଭ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହେଲା। ଟ୍ରେନିଂ ନେଇ ନିଯୁକ୍ତ ପାଇଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିବା ସହ ସାମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବଜାଜ ଫିନସର୍ଭର ସିଏମଡି ସଞ୍ଜୀବ ବଜାଜ୍, ଜିଏମୟୁ କୁଳପତି ପ୍ରଫେସର ଏନ ନାଗାରାଜୁ, ଏନଏସଡିସି ସିଇଓ ବେଦମନି ତିୱାରି ମଞ୍ଚାସୀନ ଥିଲେ। ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ରାସ୍ତା ଓ ପୋଲ ନାହିଁ ତ ଭୋଟ ନାହିଁ

**ଜମନକିରା, ୧।୩(ସମିସ):** ବଡ଼ରମା ଅଭୟାରଣ୍ୟ ମଧ୍ୟରେ ଚିର୍ଗୁଣିଖୋଲ ଗାଁ ଅବସ୍ଥିତ ଥିବା ବେଳେ ବନ ବିଭାଗ ଦ୍ୱାରା ଗ୍ରାମବାସୀ ସର୍ବଦା ଅତ୍ୟାଚାର ହେଉଥିବା ଅଭିଯୋଗ କରିଛନ୍ତି। ଦେଶ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ବି ସେମାନେ ପରାଧୀନ ଭଳି ରହୁଛନ୍ତି। ସେମାନଙ୍କୁ ସାଧାରଣ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇଛି। ଏହି ମର୍ମରେ ଜିଲ୍ଲାପାଳଙ୍କୁ ବିଡ଼ିଓ ରୀନା ନାଏକଙ୍କ ଜରିଆରେ ଗାଁର ସମସ୍ତ ମହିଳା ପୁରୁଷ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗ୍ରାମରେ ଭଲ ରାସ୍ତା ନ ଥିବାରୁ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ନେତା, ମନ୍ତ୍ରୀ ଗାଁରେ ଆଜି ପର୍ଯ୍ୟନ୍ତ ପହଞ୍ଚିବା ଦୂରର କଥା ତାଙ୍କ ପାଦ ପଡ଼ିନାହିଁ। ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ନେତାଙ୍କୁ ଯେତେ ଯାହା ଗୁହାରୀ ଜଣାଇଲେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ସମ୍ଭବ ହୋଇନାହିଁ। ସମସ୍ତଙ୍କୁ ଅଭିଯୋଗ ଜଣାଇ ନିରାଶ ହୋଇଛନ୍ତି। ତେଣୁ ଗ୍ରାମବାସୀ ଶେଷରେ ଗ୍ରାମବାସୀ ଗାଁ ବୈଠକ ରେ ଆଲୋଚନା କରି ନିଷ୍ପତ୍ତି ନେଇଛନ୍ତି ଯେ ପକ୍କା ରାସ୍ତା ଓ ପୋଲ ନାହିଁ ତ ଭୋଟ ଦେବୁ ନାହିଁ ବୋଲି ଜଣାଇଛନ୍ତି।



## ଦିବ୍ୟାଙ୍ଗ ପରୀକ୍ଷଣ ଶିବିର

**କୁଚିଣ୍ଡା, ୧।୩(ସମିସ):** କୁଚିଣ୍ଡାସ୍ଥିତ ଟାଉନ ହଲ ଠାରେ ଭାରତ ସରକାରଙ୍କ ଅଦିପ ଯୋଜନାରେ ଦିବ୍ୟାଙ୍ଗନ ମାନଙ୍କ ନିମନ୍ତେ ସହାୟକ ଉପକରଣ ବଣ୍ଟନ ନିମନ୍ତେ ପରୀକ୍ଷଣ ଶିବିର ହୋଇଛି। ଭାରତ ସରକାର (ଇଣ୍ଡିଆ ଏଣ୍ଟରପ୍ରାଇସ ମିନିରତ୍ନ କେଟାଗୌରୀ), ଅଣ୍ଡର ଡିଇପିଡବ୍ଲୁଡି(ଦିବ୍ୟାଙ୍ଗନ) ମିନିଷ୍ଟ୍ରୀଅଫ ସୋସିଆଲଜଷ୍ଟିସଓଏମ୍‌ପାୱାରମେଣ୍ଟ ଏବଂ ଆଲିମକୋ ଏୟୁକ୍ଲିଲାରି ପ୍ରଡକସ ସେଣ୍ଟର ଭୁବନେଶ୍ୱରର ମିଳିତ ସହଯୋଗରେ ଓ କୁଚିଣ୍ଡା ବ୍ଲକ ପ୍ରଶାସନ ମାଧ୍ୟମରେ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସ୍ୱାତି ସୁଚରିତା ଗିରି, କାନ ପରୀକ୍ଷକ ଡା. ଧରିତ୍ରୀ ଗାଡ଼ତିଆ, ଡାଟା ଏଣ୍ଟ୍ରି ଅପରେଟର ପ୍ରିନ୍ସ କୁମାର ସିଂ, ଡ଼ିଡ଼ିଆରଏଲ ମୋବାଇଲିଂ ଇନଷ୍ଟିକେସନ ଭାବନି ମୁଦୁଲି ପ୍ରମୁଖ ଯୋଗଦେଇ କୁଚିଡ଼ନ ବ୍ଲକର ୧୭ ଗୋଟି ଗ୍ରାମପଞ୍ଚାୟତ ଅଞ୍ଚଳର ସର୍ବମୋଟ ୧୨୦ଜଣ ଦିବ୍ୟାଙ୍ଗ ରୋଗୀଙ୍କୁ ଚିହ୍ନଟ କରିଥିଲେ।

## ସମ୍ବଲ ପକ୍ଷରୁ ଶବ ସତ୍କାର

**ସମ୍ବଲପୁର, ୧।୩(ସମିସ):** ସମ୍ବଲପୁର ବୁର୍ଲା ମେଡିକାଲ ଫାଣ୍ଡିର ୩ ଟି ଅଜଣା ଶବର କରିଛି ସାମାଜିକ ଅନୁଷ୍ଠାନ 'ସମ୍ବଲ'। ସେହିପରି ରେଙ୍ଗାଲି ଥାନାର ଏକ ଅଜଣା ଶବକୁ ମଧ ସମ୍ବଲ ପକ୍ଷରୁ ସତ୍କାର କରାଯାଇଛି। ଅନୁଷ୍ଠାନର ରାମଦାସ ପଣ୍ଡା, ସୌରୀ ପାଣିଗ୍ରାହୀ, ଦିଲୀପ ବୋଷ ପ୍ରମୁଖଙ୍କ ନେତୃତ୍ୱରେ ଶବ ସତ୍କାର କରାଯାଇଥିଲା।






## ବୈଦିକ୍ ଇଣ୍ଟରନ୍ୟାସନାଲ ଓ ଆଇଆଇଏମ୍ ମଧ୍ୟରେ ଏମଓୟୁ



**ସମ୍ବଲପୁର,୧।୩(ସମିସ):** ଶାସନ-ପାବ୍‌ପାଲି ବୈଦିକ ଇଣ୍ଟରନେସନାଲ ସ୍କୁଲ ଓ ଆଇଆଇଏମ୍ ସମ୍ବଲପୁର ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଆଜି ସମ୍ବଲପୁର ଆଇଆଇଏମ୍‌ରେ ଉଦ୍‌ଘାଟନ ହୋଇଥିବା ୧୦୦ କ୍ୟୁବ୍ ଷ୍ଟାର୍ଟଅଫ କାର୍ଯ୍ୟକ୍ରମରେ ଭାରତର ପ୍ରଥମ ସ୍କୁଲ ଭାବରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଓ ଆଇଆଇଏମ ସମ୍ବଲପୁର ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ଦ୍ୱାରା ଉଭୟ ଅନୁଷ୍ଠାନ ମଧ୍ୟରେ ବିଭିନ୍ନ ପ୍ରକାରର ଅନୁସନ୍ଧାନ ମୂଳକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାରର ଗବେଷଣା ତଥା ଉଦ୍ୟୋଗୀ କ୍ଷେତ୍ରରେ ଭିନ୍ନ ଭିନ୍ନ ନୂତନ କାର୍ଯ୍ୟକ୍ରମ ଓ ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ କିପରି ଏ ଅଞ୍ଚଳରେ ବିଭିନ୍ନ ପ୍ରକାରର ବ୍ୟବସାୟ ଆରମ୍ଭ ଉପରେ ସହଯୋଗ କରିପାରିବେ ସେ କ୍ଷେତ୍ରରେ ବୁଝାମଣା ହୋଇଛି। ବୈଦିକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଐତିହାସିକ ସଫଳତା ପାଇଁ ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ବିଜୁ ପ୍ରିମିୟର ଲିଗ୍: ମାନେଶ୍ୱର ବିଜୟୀ

**ସମ୍ବଲପୁର, ୧।୩(ସମିସ):** ମାନେଶ୍ୱର ସ୍ୱର୍ଣ୍ଣ ବୁରେଇ ଖେଳପଡ଼ିଆରେ ବିଜୁ ପ୍ରିମିୟର ଲିଗ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ୧୦ନମ୍ବର ଜୋନର ପକ୍ଷରୁ ଏହା ହୋଇଥିଲା। ଫାଇନାଲ ମ୍ୟାଚ ୱାର୍ଡ଼ ନମ୍ବର ୪୦ମାନେଶ୍ୱର ଏବଂ ୱାର୍ଡ଼ନମ୍ବର ୪୧ ମାଳତୀ ଗୁଣ୍ଡେରପୁର ମଧ୍ୟରେ ହୋଇଥିଲା। ଏଥିରେ ମାନେଶ୍ୱର ଦଳ ଚମ୍ପିଆନ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ରମେଶ ପଟୁଆ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗରର ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ସଂଯୋଜକ ଜଗନ୍ନାଥ ତ୍ରିପାଠୀ, ମାନେଶ୍ୱର ଜୋନ ସଂଯୋଜକ ଆର୍ତ୍ତତ୍ରାଣ ବାଗ, ଠେମେରାର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ନାୟକ ଉପସ୍ଥିତ ଥିଲେ। ବିଜୁ ପ୍ରିମିୟର୍ ଲିଗ୍ ମହାନଗର ନିଗମ ୧୦ନମ୍ବର ଜୋନରେ ୱାର୍ଡ଼ ନମ୍ବର ୨୦, ୩୯, ୪୦ ଓ ୪୧କୁ ନେଇ ଗଠିତ ହୋଇଛି। ସଂଯୋଜକ ଦେବଶ୍ରୀ ରଞ୍ଜନ ଧର (ବାପି), ମାନଭଞ୍ଜନ ପଶାୟତ, ବିଜୟ ସାହୁ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।





# ବରଗଡ଼ ପୌରାଞ୍ଚଳରେ ପାନୀୟ ଜଳଯୋଗାଣର ଉନ୍ନତିକରଣ

**- ଆଭାସି ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**
**- ୬୧ କୋଟି ବ୍ୟୟ ଅଟକଳର ପ୍ରକଳ୍ପ**

**ବରଗଡ଼, ୧।୩(ସମିସ):** ବରଗଡ଼ ପୌର ପରିଷଦର ସମସ୍ତ ୱାର୍ଡରେ ସ୍ୱଚ୍ଛ ପାନୀୟ ଜଳଯୋଗାଣକୁ ସୁନିଶ୍ଚିତ କରିବା ସହ ବିଭିନ୍ନ ୱାର୍ଡରେ ଜଳଯୋଗାଣର ଉନ୍ନତିକରଣ ସକାଶେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାହାକୁ ନେଇ ରାଜ୍ୟ ସରକାର ୬୧.୬୮ କୋଟି ଆର୍ଥିକ ଅନୁଦାନ ମଞ୍ଜୁର କରି ବରଗଡ଼ ସହରର ସ୍ୱଚ୍ଛ ପାନୀୟ ଜଳଯୋଗାଣ ଓ ଉନ୍ନତିକରଣ କାର୍ଯ୍ୟ ହାତକୁ ନେଇଛନ୍ତି। ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସିରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପନଗରପାଳ ରାଜେଶ ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତଙ୍କ ସମେତ କାଉନସିଲରବୃନ୍ଦ ଉପସ୍ଥିତ ଥିଲେ।



# ଆନନ୍ଦ ଉଦ୍ୟାନ ସ୍ମାର୍ଟପାର୍କ ଲୋକାର୍ପିତ

**ବରଗଡ଼, ୧।୩(ସମିସ)**

ବରଗଡ଼ ଜନସାଧାରଣଙ୍କ ଚିତ୍ତବିନୋଦନ ଓ ମନୋରଞ୍ଜନର ଆବଶ୍ୟକତାକୁ ଦୃଷ୍ଟିରେ ରଖି

## ପଥର ଚଟ୍ଟାଣରେ ଶିବ-ପାର୍ବତୀଙ୍କ ଯୁଗଳମୂର୍ତ୍ତି
## ସୂର୍ଯ୍ୟ ନମସ୍କାରର ପ୍ରତିମୂର୍ତ୍ତି ଆଉଏକ ଆକର୍ଷଣ
## ଶିଶୁଙ୍କୁ ଆକର୍ଷିତ କରିବ ସ୍ମାର୍ଟ ଉଦ୍ୟାନ ପାର୍କ

ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉଦ୍ୟମରେ ପଞ୍ଚାୟତ କଲେଜ ନିକଟରେ ସାଢ଼େ ତିନି ଏକର ଜମି ଉପରେ ଏକ ଉଦ୍ୟାନ ଓ ସ୍ମାର୍ଟ ପାର୍କ ଉଦ୍‌ଘାଟିତ ହୋଇଯାଇଛି। ଏନେଇ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆର୍ଥିକ ଅନୁଦାନ ମଞ୍ଜୁର କରାଇଥିଲେ।

ବରଗଡ଼-ରୋହଣିଆଁ ରାସ୍ତାର ପଞ୍ଚାୟତ କଲେଜ ସମ୍ମୁଖରେ ଥିବା ଏକ ବିରାଟ ପଥର ଚଟାଣ ଉପରେ ଏହି ସ୍ମାର୍ଟ ପାର୍କ ନିର୍ମିତ ହୋଇଛି। ସାଢ଼େ ତିନି ଏକର ଜମିରେ ନିର୍ମିତ ଏହି ସ୍ମାର୍ଟ ପାର୍କର ମଧ୍ୟସ୍ଥଳରେ ଶିବପାର୍ବତୀଙ୍କ ଯୁଗଳ ମୂର୍ତି ରହିଛି। ସେହିପରି ପାର୍କ ମଧ୍ୟରେ ସୂର୍ଯ୍ୟ ନମସ୍କାରର ପ୍ରତିମୂର୍ତି ରହିଥିବା ବେଳେ କୃତ୍ରିମ ଝରଣା ସହ ଅତ୍ୟାଧୁନିକ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ପାର୍କ ମଧ୍ୟରେ ବିରାଟକାୟ ଲନ୍, ୱାକିଂ ପାଇଁ ପାଦଚଲା ରାସ୍ତା, ପାଣିର ଫୁଆର, ଖୋଲା ବ୍ୟାୟାମଶାଳା, ଛୋଟ ପିଲାଙ୍କ ପାଇଁ ବିଭିନ୍ନ ଖେଳଣା ଓ ଝୁଲା ଆଦି ଛୋଟ ଶିଶୁ ତଥା ବୟସ୍କମାନଙ୍କୁ ବେଶ୍ ଆକୃଷ୍ଟ କରିବ। ସେହିପରି ସ୍ମାର୍ଟ ପାର୍କ ମଧ୍ୟରେ କେଣ୍ଟିନ, ପାନୀୟଜଳ ବ୍ୟବସ୍ଥା ରହିଛି। ଛୋଟ ଛୋଟ ଶିଶୁମାନଙ୍କ ପାଇଁ ଆଗାମୀ ଦିନରେ ଟୟ ଟ୍ରେନର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି।







ଶୁକ୍ରବାର ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଆନନ୍ଦ ଉଦ୍ୟାନ ସ୍ମାର୍ଟ ପାର୍କ ଲୋକାର୍ପିତ ହୋଇଯାଇଛି। ପୌର ପରିଷଦ ଆନୁକୂଲ୍ୟରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଆନନ୍ଦ ଉଦ୍ୟାନ ଓ ସ୍ମାର୍ଟ ପାର୍କରେ ବରଗଡ଼ ସହର ସହ ଗ୍ରାମାଞ୍ଚଳର ଜନସାଧାରଣ ମଧ୍ୟ ଏହି ପାର୍କ ଓ ଉଦ୍ୟାନର ମଜା ଉପଭୋଗ କରି ପାରିବେ ବୋଲି କହିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝୀ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ଉପନଗରପାଳ ରାଜେଶ ଅଗ୍ରୱାଲ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଉମାଚରଣ ରାଉତ, ଲିପୁ ସାହୁ, ଅଶୋକ ଯୋଶୀ, କବିତା ବେହେରାଙ୍କ ସମେତ ପୌର ପରିଷଦର କାଉନସିଲରବୃନ୍ଦ ଉପସ୍ଥିତ ଥିଲେ। ଏହି ସ୍ମାର୍ଟ ପାର୍କ ଦ୍ୱାରା ବରଗଡ଼ ସହର ସମେତ ରୋହଣିଆଁ, ଧାଙ୍ଗେର ତଥା ଆଖପାଖ ଅଞ୍ଚଳର ଲୋକେ ଅବସର ବିନୋଦନ କରିପାରିବେ। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଏହି ସ୍ମାର୍ଟ ପାର୍କ ଆକୃଷ୍ଟ କରିବ।




## ମୁଗବାଡ଼ିରୁ ମୃତଦେହ ଉଦ୍ଧାର: କାରଣ ଅସ୍ପଷ୍ଟ

**ଅମ୍ବାଭୋନା, ୧।୩(ସମିସ):** ଅମ୍ବାଭୋନା ଥାନା ଅନ୍ତର୍ଗତ ଲେଲେହର ପରୁଆଭାଡି ମଧ୍ୟରେ ଥିବା ଘୁଘୁରା ବନ୍ଧ ନିକଟସ୍ଥ ମୁଗବାଡିରୁ ଏକ ମୃତଦେହ ପଡିରହିଥିବା ଦେଖାଗଲା ପରେ ପୁଲିସ ସହାୟତାରେ ଉଦ୍ଧାର କରାଯିବା ସହ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରହିଛି। ଖବର ପାଇ ଅମ୍ବାଭୋନା ପୁଲିସ ଘଟଣାସ୍ଥଳରେ ସରଜମିନ ତଦନ୍ତ କରି ଶବ ଜବତ କରିଥିଲା। ପରେ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କାଦୁଅ ଅବସ୍ଥାରେ ଥିବା ଶବଟିକୁ ଅମ୍ବାଭୋନା ଥାନାଧିକାରୀ ବୁଲୁ ମୁଣ୍ଡା ଶବଟିକୁ ଜବତ କରିଛନ୍ତି ମାତ୍ର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି। ଅମ୍ବାଭୋନା ଥାନାରେ ମାମଲା ରୁଜୁକରି ପୁଲିସ ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ମୃତ ବ୍ୟକ୍ତି ଜଣକ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ଥାନା ଅଧୀନସ୍ଥ ଭଏନାରଗଚା ଗ୍ରାମର ପ୍ରେମସାଗର ସେଠ (୫୩ବର୍ଷ) ବୋଲି ଜଣାପଡିଥିବା ପୁଲିସ ପ୍ରକାଶ କରିଛି।

## ଖୁଜେନ ବିଦ୍ୟାଳୟର ଜଳ ସମସ୍ୟା ଦୂରହେଲା

**ପଦ୍ମପୁର, ୧।୩(ସମିସ):** ରାଜବୋଡାସମ୍ବର ବ୍ଲକ ଅଧୀନସ୍ଥ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳର ଗମ୍ଭୀର ସମସ୍ୟା ଦେଖା ଦେଇଥିଲା। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପର ହୋଇଥିଲା। ପରିଚାଳନା କମିଟି ଓ ଅଭିଭାବକଙ୍କ ଦାବିକୁ ଗୁରୁତ୍ୱଦେଇ ପ୍ରଶାସନ ନୂତନ ନଳକୂଅ ଖୋଳି ବିଦ୍ୟାଳୟର ପାନୀୟଜଳ ସମସ୍ୟା ଦୂର କରିଛନ୍ତି। ପରିଚାଳନା କମିଟି ସଭାପତି ଅନନ୍ତ ସାହୁ, ୱାର୍ଡସଭ୍ୟ ଶିରୀଶଚନ୍ଦ୍ର ସ୍ୱାଇଁ ସମେତ ପରିଚାଳନା କମିଟି ସଦସ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଜାତୀୟ ବିଜ୍ଞାନ ଦିବସ ପାଳିତ

**ପଦ୍ମପୁର, ୧।୩ (ସମିସ):** ପଦ୍ମପୁର ଦିବସ କୋଚିଂ ସେଣ୍ଟରରେ ଶିକ୍ଷକ ଏକାଦଶ ତରଫରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ବୀରେନ୍ଦ୍ର ପ୍ରଧାନ, ମୋହନ ଭୋଇଙ୍କ ତତ୍ତ୍ୱାବଧାନରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ସିଭି ରମଣଙ୍କ ଜୀବନୀ ବର୍ଣ୍ଣନା କରିଥିଲେ। ଶିକ୍ଷକ ନରେନ୍ଦ୍ର ପ୍ରଧାନ ୫୦୦ତମ କ୍ରିକେଟ ମ୍ୟାଚ ଖେଳିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର ପାତ୍ର, ନବକୃଷ୍ଣ ଦେବତା, ପ୍ରୀତେଶ ସାହୁ, ସୁଦାମ ସାହୁ ସହଯୋଗ କରିଥିଲେ। କୁଞ୍ଜବିହାରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ପେଟ୍ରୋଲ ପମ୍ପରେ ଦୁର୍ବୃତ୍ତଙ୍କ ଉତ୍ପାତ

**ଗୁଦେରପାଲି, ୧।୩(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲିସ୍ଥିତ ଆଦର୍ଶ



ପେଟ୍ରୋଲ ପମ୍ପରେ ଗତକାଲି ବିଳମ୍ବିତ ରାତିରେ ତିନିଜଣ ଯୁବକ ଉତ୍ପାତ କରିଛନ୍ତି। ସେମାନେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ତେଲ ମାଗିଥିଲେ। କର୍ମଚାରୀ ଜଣକ ରାତିରେ ପେଟ୍ରୋଲ ପମ୍ପ ଲକ୍ କରି ମ୍ୟାନେଜର ଚାବି ନେଇ ଯାଇଛନ୍ତି ବୋଲି କହିବାରୁ ତିନିଜଣ ଦୁର୍ବୃତ୍ତ ଉତକ୍ଷିପ୍ତ ହୋଇ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ କର୍ମଚାରୀଙ୍କ ବାଇକର ଡିକି ଭାଙ୍ଗି ଦେଇ, ଏକ ଚେୟାର ସାହାଯ୍ୟରେ ପେଟ୍ରୋଲ ପମ୍ପରେ ଖଞ୍ଜା ଯାଇଥିବା କାଚ କବାଟଗୁଡିକୁ ଭାଙ୍ଗିଥିଲେ। ଏହାସହ ଆସବାବପତ୍ର ଭାଙ୍ଗିଦେଇ ସେଠାରୁ ଚାଲିଯାଇଥିବା ମେଲଛାମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ମେଲଛାମୁଣ୍ଡା ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି।

## ବୁକୁରାମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଦ୍ମପୁର, ୧।୩(ସମିସ):** ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ବୁକୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ପ୍ରଧାନଶିକ୍ଷକ ଭୁବନେଶ୍ୱର ମହାନନ୍ଦ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବୁକୁରାମୁଣ୍ଡା ସମିତିସଭ୍ୟା ସୁସ୍ମିତା ବାରିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଟେମରି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମହେଶ୍ୱର ହରିପାଲ, ଅବସରପ୍ରାପ୍ତ ସୈନିକ ହର୍ଷବର୍ଦ୍ଧନ ବିଶି, ଅବସରପ୍ରାପ୍ତ ଶିକ୍ଷକ ବୈଲୋଚନ ଭୋଇ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରେମରାଜ ନାୟକ, ବୁକରାମୁଣ୍ଡା ସେବାଶ୍ରମ ବିଦ୍ୟାଳୟ ପ୍ରଧାନସେବକ ପ୍ରଦୀପ ମହାନ୍ତି ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ନିରାକାର ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଜମିଦାତା ସ୍ୱର୍ଗତଃ ଯୋଗେନ୍ଦ୍ର ଜାଲଙ୍କ ବଂଶଜ ମରିଚନ ଜାଲ, ଉଦ୍ୟୋକ୍ତା ସ୍ୱର୍ଗତଃ ତରଣୀସେନ ବାରିକଙ୍କ ଧର୍ମପତ୍ନୀ ଯଶୋବନ୍ତି ବାରିକ, ଉଦ୍ୟୋକ୍ତା ମଙ୍ଗଲୁ ବରିହାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଗୁରୁଙ୍କ ପାଦ ଧୋଇ ଛାତ୍ରଛାତ୍ରୀ ଗୁରୁପୂଜନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ବୁକୁରାମୁଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ ଅନିତା ଭୋଇ ଯୋଗଦାନ କରିଥିଲେ। ଅପରାହ୍ନରେ କ୍ରୀଡା ଶିକ୍ଷୟିତ୍ରୀ ସୁମିତ୍ରା ପାତ୍ରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ରିତାଞ୍ଜଳି ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



## କଣ୍ଠଶିଳ୍ପୀ କାଳୀଚରଣ ବାଗ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀକୁ ମନୋନୀତ

**ବରଗଡ଼, ୧।୩(ସମିସ):** ଇତିମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନୂଆ ସାଧାରଣ ପରିଷଦ ଗଠିତ ହୋଇଯାଇଛି। କଳା ସଙ୍ଗୀତ ଓ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷ ଏହି ପରିଷଦରେ ସ୍ଥାନ ପାଉଥିବା ବେଳେ ଚଳିତବର୍ଷ ବରଗଡ଼ ଜିଲ୍ଲାର ବିଶିଷ୍ଟ କଣ୍ଠଶିଳ୍ପୀ କାଳୀଚରଣ ବାଗ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସେ ବରଗଡ଼ ସମେତ ସମଗ୍ର ପଶ୍ଚିମାଞ୍ଚଳର ଜଣେ ସ୍ୱନାମଧନ୍ୟ କଳାକାର ଭାବେ ପରିଚିତ। ଶତାଧିକ ସଙ୍ଗୀତରେ କଣ୍ଠଦାନ କରିଥିବା ବେଳେ ସିନିୟର୍ ଫେଲୋସିପ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଭାବେ ମନୋନୀତ କରିବା ପରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ ଓ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ



ଜଣାଇଛନ୍ତି। ତେବେ ଏହି ମର୍ଯ୍ୟାଦାଜନକ ସଦସ୍ୟ ପଦ ପାଇବା ପରେ ଶ୍ରୀ ବାଗ ପଶ୍ଚିମାଞ୍ଚଳର ଲୋକ ସଙ୍ଗୀତ ଓ ଲୋକଗୀତକୁ ଗୁରୁତ୍ୱ ପ୍ରଦାନ କରି କିପରି ଏ ଅଞ୍ଚଳର କଳାକାରମାନେ ଆଗକୁ ବଢ଼ିବେ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରିବେ ବୋଲି ଉଲ୍ଲେଖ କରିଥିଲେ। ଏହାସହ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ମଧ୍ୟ ଶ୍ରୀ ବାଗ କୃତଜ୍ଞତା ଜଣାଇଛନ୍ତି।

## ଭେଡେନ ପ୍ରିମିୟର ଲିଗ୍ କ୍ରିକେଟ: ରୟାଲ ଷ୍ଟାର ବିଜୟୀ




**ଭେଡେନ, ୧।୩(ସମିସ):** ଭେଡେନସ୍ଥିତ ରଣଜିତା ମିନି ଷ୍ଟାଡିୟମ ଠାରେ ଏଫ.ସି. କ୍ଲବ ଆନୁକୂଲ୍ୟରେ ଚାଲିଥିବା ୭ତମ ଭେଡେନ ପ୍ରିମିୟର ଲିଗ (ବିପିଏଲ) କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚ୍ ପାୱାର ହିଟର ଭେଡେନ ଓ ରୟାଲ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରୟାଲ ଷ୍ଟାର ଦଳ ବ୍ୟାଟିଙ୍ଗ କରି ନିର୍ଧାରିତ ୧୫ଓଭରରେ ୭ ଉଇକେଟ ହରାଇ ୧୪୨ରନ ସଂଗ୍ରହ କରିଥିଲା ଜବାବରେ ପାୱାର ହିଟର ଭେଡେନ ଦଳ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ରନ କରିଥିଲା। ବିଜୟୀ ଦଳର ଆଶିଷ ହାତୀ ୧୮ ରନ ଦେଇ ୨ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଭାବରେ ବିବେଚିତ ହୋଇଥିଲେ। ଖେଳକୁ ସୁନୀଲ ଅଦାବର ଓ ସୁଶାନ୍ତ ବିଶି ପରିଚାଳନା କରିଥିବାବେଳେ ସ୍କୋରର ଭାବରେ ସୁଜୟ ମେହେର, ଚନ୍ଦନ ସରାଫ ଦାଇତ୍ୱ ତୁଲାଇଥିଲେ। ଧାରାବିବରଣି ସଞ୍ଜୟ ମେହେର ପ୍ରଦାନ କରିଥିଲେ। ଅତିଥିଭାବରେ ମା’ ସମଲେଶ୍ୱରୀ ହୋଟେଲର ମାଲିକ ଦେବାନନ ବେହେରା ଯୋଗଦାନ କରିଥିଲେ।

## ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଶୁଭସ୍ତମ୍ଭ ସ୍ଥାପନ

**ଝାରବନ୍ଧ, ୧।୩(ସମିସ):** ବିଜାଢୋଲ ଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରାଣପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଅନୁକୂଳ କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ୩ ଏପ୍ରିଲରୁ ୭ ଏପ୍ରିଲ ପର୍ଯ୍ୟନ୍ତ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯିବ। ମନ୍ଦିର ପ୍ରାଣପ୍ରତିଷ୍ଠା ପୂଜାସ୍ଥଳୀ, ନାମଯଜ୍ଞ ମଣ୍ଡପ ଓ ରଥଦାଣ୍ଡରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ସର୍ବ ପୁରାତନ ଜଗନ୍ନାଥ ସଂସ୍କୃତିର ଗାଁ ଭାବରେ ପରିଚିତ ବିଜାଢୋଲ ଗ୍ରାମରେ ବହୁ ବର୍ଷ ପୂର୍ବରୁ ଦାରୁଦିଅଁ ଜଗନ୍ନାଥ ସଂସ୍କୃତିର ପରମ୍ପରା ଅନୁସାରେ ପୂଜା ପାଇ ଆସୁଛନ୍ତି। ଶୁଭସ୍ତମ୍ଭ ସ୍ଥାପନ ଉତ୍ସବର କର୍ତ୍ତାଭାବରେ ରାଜକୁମାର ସଗର ଓ କାନ୍ତି ସଗର, ରମେଶଚନ୍ଦ୍ର ରାୟ ଓ ଦିପ୍ତୀମୟୀ ରାୟ, ଅଶୋକ ହାତୀ ଓ ନୀଳିମା ହାତୀ, ଜୟଦେବ ସଗର ଓ ଫୁଲମତି ସଗର, ରଜନୀ ସଗର ଓ ମାଳତୀ ସଗର, ସୁଶୀଳ ହାତୀ ଓ ଜୟନ୍ତୀ ହାତୀ, ବେଦବ୍ୟାସ ସାହୁ ଓ ପୁଷ୍ପାଞ୍ଜଳି ସାହୁ, ନାରଦ ଗୁପ୍ତା ଓ ପରମେଶ୍ୱରୀ ଗୁପ୍ତା କାର୍ଯ୍ୟ ସଂପାଦନ କରିଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ପୂଜା ହୋମ କାର୍ଯ୍ୟ କରିଥିଲେ। କମିଟିର ଭଜନ ସଗର, ଆଭାସ ଦାସ, କମଳାକାନ୍ତ ରାୟ, ଲକ୍ଷ୍ମଣ ସଗର, ଜହନ କୁମ୍ଭାର କୃଷ୍ଣଚନ୍ଦ୍ର ରଣା, ହେମନ୍ତ ରାୟ, କଇତ ପାଣ୍ଡେ, ସୁଶାନ୍ତ ପଟେଲ, ପ୍ରମୋଦ ରାୟ, ରାମଚନ୍ଦ୍ର ହାତୀ, ଶିବପ୍ରସାଦ ହାତୀ ମୁଖ୍ୟ ପରିଚାଳକ ଥିଲେ।



## ଜଙ୍ଗଲ ନିଆଁ ନିବାରଣ ସଚେତନତା



**ଝାରବନ୍ଧ, ୧।୩(ସମିସ):** କନ୍ଦାଡଙ୍ଗର ଗ୍ରାମପଞ୍ଚାୟତ ପରିସରରେ ପାଇକମାଲ ବନାଞ୍ଚଳ ପକ୍ଷରୁ ବନାଗ୍ନି ପ୍ରତିକାର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁନୀଲ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ମୁଖ୍ୟବକ୍ତା ପ୍ରକୃତିବନ୍ଧୁ ମିନିକେତନ ସାହୁ, ସମ୍ମାନିତ ଅତିଥି ରଜନୀକାନ୍ତ ବଢେଇ ଯୋଗ ଦେଇଥିଲେ। ଆଲୋକ ସୁନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଫରେଷ୍ଟର ଗିରିରାଜ କୁମ୍ଭାର ସଭା ପରିଚାଳନା କରିଥିଲେ। ନାଟ୍ୟକାର ରାଜକୁମାର ସାହୁଙ୍କ ନିର୍ଦ୍ଦେଶିତ ଜଙ୍ଗଲ ନିଆଁ ନିରାକରଣ ଆଧାରିତ ସଚେତନତାଧର୍ମୀ ନାଟକ ‘ସଚେତନ ହେମା’ ଟ୍ୟ ସଂସଦ ଢୋଲବନ୍ଧ ତରଫରୁ ଅନୁଷ୍ଠିତ ହୋଇଥିଲା। ସଭାରେ ଫରେଷ୍ଟ ଗାର୍ଡ ପ୍ରତିମା ସୁନା, ସଙ୍ଗୀତା ଭଗତ, ପ୍ରିୟବତୀ ବେହେରା, ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ତରୁଣ ପାଣ୍ଡେ, ପାରା ସ୍କ୍ୱାଡ୍ ଟଙ୍କଧର ପ୍ରଧାନ, ସୁଶାନ୍ତ ବାଗ, ଫାୟର ସ୍କ୍ୱାଡ୍ ତ୍ରିଲୋଚନ ଗଜାକୁଶ, ସୁରେନ୍ଦ୍ର ବରିହା, ଜଗତ ବରିହା ଓ ଏସଏଚଜି, ବିଭିନ୍ନ ଗ୍ରାମର ଆଶା, ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଦୁର୍ଯ୍ୟୋଧନ ପାଣ୍ଡେ ସହଯୋଗ କରିଥିଲେ।

**ତିନି ଦଫା ଦାବି**

## ପାକ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବରଗଡ଼, ୧।୩(ସମିସ)**

ତିନି ଦଫା ଦାବି ନେଇ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କର ବରଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ବରଗଡ଼ରେ ସମ୍ବଲପୁର, ବରଗଡ଼, ଦେବଗଡ଼ ଏବଂ ଝାରସୁଗୁଡା ଜିଲ୍ଲାର ପାକ୍ସ ଏବଂ ଲେମ୍ପସ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେଇଥିଲେ। ଷଷ୍ଠ ବେତନ କମିଶନର ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ସମିତି କ୍ଷେତ୍ରରେ ତୁରନ୍ତ କାର୍ଯ୍ୟକାରୀ କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା କର୍ମଚାରୀଙ୍କ ଡିଏ ୧୬୪ ପ୍ରତିଶତରୁ ୨୩୦ ପ୍ରତିଶତକୁ ତୁରନ୍ତ ବୃଦ୍ଧି କରିବା ଏବଂ ୨୭୦୮ ସମିତି କର୍ମଚାରୀମାନଙ୍କୁ ସରକାରୀ କ୍ୟାଡର ଭୁକ୍ତ କରିବା ଆଦି ଦାବି ଅନ୍ତର୍ଭୁକ୍ତ ରହିଛି। ବରଗଡ଼ରେ ସଭାପତି ନାଉରୀ ନାୟକ, ଉପସଭାପତି ଭଗବାନ ପଟେଲ, ସାଧାରଣ ସମ୍ପାଦକ ନିତେଶ ସାହୁଙ୍କ ସମେତ ସଞ୍ଜୟ ନାୟକ, ଝସକେତନ ଭୋଇ, ହୃଷିକେଶ ପ୍ରଧାନ, ଆଦିତ୍ୟ ପ୍ରଧାନ, ଅଶୋକ ଥାପା, ସୁମିତ ପ୍ରଧାନ, ସୁନୀଲ ରଣାଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ। ପାକ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ପ୍ରାଥମିକ ସେବା ସମବାୟ ସମିତି ଗୁଡିକରେ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।




## ପଦ୍ମପୁର ଉପଖଣ୍ଡର ୨୯ଟି ପାକ୍ସରେ ତାଲା

**ପଦ୍ମପୁର, ୧।୩ (ସମିସ):** ପଦ୍ମପୁର ସର୍କଲର ୨୯ଟି ପ୍ରାଥମିକ କୃଷି ସମବାୟ ସମିତିରେ କର୍ମଚାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସମିତିରେ ତାଲା ଝୁଲୁଛି। ପ୍ରାୟ ୧୮୨ ଜଣ କର୍ମଚାରୀ ପଦ୍ମପୁର ଏଆରସିଏସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଚାଷୀମାନେ ସମବାୟ ସମିତି କାର୍ଯ୍ୟାଳୟ ଯାଇ ନିରାଶ ହୋଇ ଫେରୁଛନ୍ତି। କର୍ମଚାରୀମାନେ ମୁଖ୍ୟତଃ ତିନି ଦଫା ଦାବି କରିଛନ୍ତି। କେଡରଭୁକ୍ତ କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା ଡିଏ ୧୬୪%ରୁ ୨୩୦%କୁ ତୁରନ୍ତ ବୃଦ୍ଧି କରିବା, ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ପେକ୍ସ, ଲେମ୍ପସରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପୂର୍ବାହ୍ନରେ ଧାରଣାସ୍ଥଳକୁ ଏଆରସିଏସ ଗୋପାଳ ପୃଷେଠ ପହଞ୍ଚି ଆଲୋଚନା କରିଥିଲେ। ଆନ୍ଦୋଳନକାରୀ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଥିଲେ। ସର୍କଲର ପାକ୍ସ ସଭାପତି ଗୋପାଳ ଷଣ୍ଢ, ସଂପାଦକ ଅମୂଲ୍ୟ ବେହେରା, ପ୍ରକାଶଚନ୍ଦ୍ର ପ୍ରଧାନ, ଠାକୁର ପାଣ୍ଡେ,ଗୋବିନ୍ଦ ସାହୁ, ସୁଧାନିଧି ମଟାରୀ, ଉମାକାନ୍ତ ପ୍ରଧାନ ଧାରଣାର ନେତୃତ୍ୱ ନେଇଥିଲେ।



### ମିଗ୍‌ଜୋମ କ୍ଷତିପୂରଣରେ ଅନିୟମିତତା ସହ ଲୋ-ଭୋଲ୍‌ଟେଜ ସମସ୍ୟା

# ପ୍ରଶାସନ, ବୀମା କମ୍ପାନୀ, ଟାଟା ପାୱାର ଓ ଚାଷୀଙ୍କ ତ୍ରିପାକ୍ଷିକ ଆଲୋଚନା

**ବରଗଡ଼, ୧।୩(ସମିସ)**

ବୀମା କମ୍ପାନୀ ତରଫରୁ ମିଗଜୋମ କ୍ଷତିପୂରଣ ରାଶି ପ୍ରଦାନରେ ଅନିୟମିତତା, ଲୋ-ଭୋଲଟେଜ ସମସ୍ୟା ଯୋଗୁଁ ଫସଲ ନଷ୍ଟ ହେଉଥିବା ଆଦି ବିଭିନ୍ନ ଚାଷୀ ସମସ୍ୟା ନେଇ ଶୁକ୍ରବାର ବରଗଡ଼ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପ୍ରଶାସନ, ରିଲାଏନ୍ସ ବୀମା କମ୍ପାନୀ, ଟାଟା ପାୱାର ବିଦ୍ୟୁତ କମ୍ପାନୀ ଏବଂ ସଂଯୁକ୍ତ କୃଷକ ସଂଗଠନ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗତ ଖରିଫ ଋତୁ ଶେଷ ଆଡକୁ ମିଗଜୋମ ସାମୁଦ୍ରିକ ଝଡ଼ କାରଣରୁ ଜିଲ୍ଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। କ୍ଷୟକ୍ଷତିର ଆକଳନ କରି ଜିଲ୍ଲା ପ୍ରଶାସନ ୪୧ ହଜାର ହେକ୍ଟର ଜମି ୩୩% ରୁ ଅଧିକ କ୍ଷତି ହୋଇଥିବା ରିପୋର୍ଟ ଦେଇଥିଲେ। ମାତ୍ର ୪୦୦ ହେକ୍ଟର ଜମିରେ ପାଇଁ କ୍ଷତିପୂରଣ ମିଳିବା ନେଇ କୃଷକ ସଂଗଠନ ତରଫରୁ ସହଜରେ ଗ୍ରହଣ କରିପାରୁନାହାଁ। ସେହିପରି ବିଦ୍ୟୁତ ବିତରକ ଟାଟା କମ୍ପାନୀ ବିରୋଧରେ କୃଷକ ମାନେ ଗମ୍ଭୀର ଅଭିଯୋଗ ଆଣି କହିଥିଲେ ଲୋ-ଭୋଲଟେଜ କାରଣରୁ ଫସଲ ନଷ୍ଟ ହେଉଥିବା ଏବଂ ଅଘୋଷିତ ବିଦ୍ୟୁତ କାଟ ଫସଲରେ ଅଧିକ ହଇରାଣ ହେବାକୁ ପଡୁଛି। ଅପରପକ୍ଷେ ମାତ୍ରାଧିକ ବିଦ୍ୟୁତ ବିଲ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଏ ଅବସରରେ ଗଭୀର ନଳକୂପ ବିକଳ୍ପ




ଜଳସେଚନ ବ୍ୟବସ୍ଥା ହୋଇଥିବାରୁ ଜଳକର ଆକାରରେ ବିଦ୍ୟୁତ ବିଲ ନେବା ପାଇଁ କୃଷକମାନେ ଦାବି କରିଥିଲେ।

ଯାହାକୁ ନେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପୁଣି ଥରେ ମିଗଜୋମ କ୍ଷତିପୂରଣ ରିପୋର୍ଟ ପଠାଇବା ଏବଂ କେଉଁ କାରଣରୁ ଏମିତି କମ କ୍ଷତିପୂରଣ ଆସିଛି ତଦାରଖ କରାଯିବ ବୋଲି କହିଥିଲେ। ଫସଲ ବୀମା ପାଇଁ କ୍ଷତି ଆକଳନରେ ବିଳମ୍ବ ହୋଇଥିବା ବୀମା କଂପାନୀ ପ୍ରତିନିଧି ସ୍ୱୀକାର କରିଥିବା ବେଳେ ବରଗଡ଼ ଜିଲାରେ କେତେ ଚାଷୀଙ୍କ କ୍ଷତି ହୋଇଛି, କେତେ ପରିମାଣ କ୍ଷତି ହୋଇଛି ଆଜି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କମ୍ପାନୀ ପକ୍ଷରୁ କେନ୍ଦ୍ର ଏବଂ ରାଜ୍ୟ ସରକାର ତାଙ୍କର ସବସିଡି ପ୍ରିମିୟମ ଦେଲେ ୧୦ ଦିନ ମଧ୍ୟରେ କୃଷକମାନଙ୍କ ଖାତାକୁ ତାଙ୍କର କ୍ଷତିପୂରଣ ଟଙ୍କା ଦେବାର ପ୍ରତିଶୃତି ଦେଇଥିବା ବେଳେ ଆଗାମୀ ପାଞ୍ଚ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରା ନ ଗଲେ କୃଷକ ସଂଗଠନ ତରଫରୁ ପୁଣି ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଥିଲା। ସେହିପରି ଟାଟା ପାୱାର ତରଫରୁ ବିଦ୍ୟୁତ ସମସ୍ୟାର ଯଥା ସମ୍ଭବ ସମସ୍ୟା ସମାଧାନ କରାଯିବା ନେଇ କୁହାଯାଇଥିଲା। ଅପରପକ୍ଷେ କୃଷକ ସଂଗଠନ ତରଫରୁ ଧାନ ଫସଲ ଥିବା ଜମିରେ କୌଣସି ପ୍ରକାରରେ ଲାଇନ କଟା ନ ଯିବାକୁ ଦାବି କରାଯିବା ସହ ବଳପୂର୍ବକ ଲାଇନ କଟା ଗଲେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖା ଦେବା ପାଇଁ ସତର୍କ କରାଯାଇଥିଲା। ପରିଶେଷରେ ଚିନି ମିଲ କର୍ମଚାରି ମାନଙ୍କ ଆନ୍ଦୋଳନ ପ୍ରସଙ୍ଗରେ ଆଲୋଚନା ହେବା ସହିତ ରାଜାବୋଡାସମ୍ବର କୃଷକ ସଂଗଠନର ୧୭ ମାସ ଧରି ଚାଲୁଥିବା ଧାରଣା ଆନ୍ଦୋଳନ ପ୍ରସଙ୍ଗରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା।

ଜିଲ୍ଲାପାଳ ଗୋୟଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଉପଜିଲ୍ଲାପାଳ କୁମାର ନାଗଭୂଷଣ, ସିଡିଏଓ ଅମୀୟ ସାହୁ, ସୁନାଳିକା ସାହୁ, ଡିଆରସିଏସ, ବ୍ୟାଙ୍କ କର୍ମଚାରୀ ଏବଂ ସଂଯୁକ୍ତ କୃଷକ ସଂଗଠନର ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ଜୁମେଶ ବେହେରା, ଟିକେଲାଲ ମିଶ୍ର, ସୁବାଷ ବିଶ୍ୱାଳ, ସୁରେଶ ନିକେଷ୍ଟି, ବବୃବାହନ ସାହୁ, ଇଶାନ୍ତ ଭୋଇ, ଜୟପ୍ରକାଶ ବେହେରା, ଥବିର ସାହୁ, ସୁରେନ ସାହୁ, କରଣ ସାହୁ, ବବୁଲୁ ମିଶ୍ର, ପ୍ରଭାତ ସାହୁ, ପ୍ରେମରାଜ ସାହୁ, ସୁବାସ ପଧାନ, ସୁଶାନ୍ତ ଗଡ଼ତିଆ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, ପଞ୍ଚାନନ ସାହୁ, ରୋହିତ ପଧାନ, ସୁବାଷ ସାମନ୍ତରାୟ, କୈଳାଶ ବାରିକ, ଲିଙ୍ଗରାଜ ପଧାନ, ବୈଲୋଚନ ଭୋଇ ସମେତ କିଶୋର ଦେବତା, ଜୟକୃଷ୍ଣ ସାହୁ ଅଂଶଗ୍ରହଣ କରିଥିଲେ।

## ଏସ୍‌ପି ଅଫିସ ନିକଟରୁ ମହିଳାଙ୍କ ସୁନା ଚେନ୍ ଲୁଟ୍

**ସ୍କୁଟିରୁ ପଡ଼ି ମହିଳା ଆହତ**

**ବରଗଡ଼, ୧।୩(ସମିସ):** ବରଗଡ଼ ସହରରେ ଲୁଟେରାଙ୍କ ଆତଙ୍କ ବଢ଼ି ବଢ଼ି ଚାଲିଛି। ନିଶା କାରବାରଠାରୁ ଆରମ୍ଭ କରି ଲୁଟେରାଙ୍କ ଆତଙ୍କରାଜକୁ ନେଇ ସହରବାସୀ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଶୁକ୍ରବାର ଏପରି ଏକ ଘଟଣାକୁ ନେଇ ସହରରେ ଆଇନଶୃଙ୍ଖଳା ପରିସ୍ଥିତି କେଉଁ ସ୍ତରରେ ପହଞ୍ଚିଛି ତାହା ଅନୁମେୟ। ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ବରଗଡ଼ ଏସପି ଅଫିସ ନିକଟରେ ସ୍କୁଟିରେ ନିଜ ଝିଅ ସହ ଯାଉଥିବା ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ ଝାମ୍ପି ନେଇଥିବା ବେଳେ ସ୍କୁଟିରୁ ପଡ଼ି ମହିଳା ଜଣକ ଏବେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁସାରେ, ବରଗଡ଼ ୱାର୍ଡ ନମ୍ବର ୧୬ କପିଳେଶ୍ୱର ନଗରର ରେଖା ଅଗ୍ରୱାଲ ନିଜ ଝିଅ ସହ ସ୍କୁଟିରେ ଯାଉଥିଲେ। ଏସପି ଅଫିସ ଛକ ନିକଟରେ ଦୁଇ ଜଣ ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏକ କଳାରଙ୍ଗର ମୋଟର ସାଇକଲରେ ଆସି ଉକ୍ତ ମହିଳାଙ୍କ ବେକରୁ ସୁନା ଚେନ ଲୁଟି ନେଇଥିବା ବେଳେ ମହିଳା ଜଣକ ସ୍କୁଟିରୁ ପଡ଼ି ଆହତ ହୋଇଥିବା ଜଣାପଡ଼ିଛି। ସମ୍ପୃକ୍ତା ମହିଳା ରେଖା ଅଗ୍ରୱାଲଙ୍କ ହାତ, ଗୋଡ ଆଦି ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସେହିପରି ମହିଳାଙ୍କ ବେକରେ ମଧ୍ୟ ଆଘାତ ଲାଗିଥିବା ବେଳେ ସେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ବୃତ୍ତମାନେ ମହିଳାଙ୍କ ବେକରୁ ପ୍ରାୟ ୨୪ ଗ୍ରାମର ସୁନା ଚେନ ଲୁଟି ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ଏହି ଘଟଣା ପରେ ବରଗଡ଼ ପୁଲିସ ସହରର ବିଭିନ୍ନ ସ୍ଥାନରେ ତନାଘନା ଜାରି ରଖିଛି। ଦିନ ଦିପହରରେ ଏସପି ଅଫିସ ପାଖରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟି ହେବା ପରେ ସହରରେ ଅପରାଧ ନିୟନ୍ତ୍ରଣ କେଉଁ ସ୍ତରରେ ଅଛି ସେନେଇ ଚର୍ଚ୍ଚା ପ୍ରକାଶ ପାଇଛି। ବରଗଡ଼ ପୁଲିସ ଦୃଷ୍ଟାନ୍ତମୂଳକ ପଦକ୍ଷେପକୁ ନେଇ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ବରଗଡ଼ ଗସ୍ତରେ ବିଜେଡିର ନବନିଯୁକ୍ତ ପର୍ଯ୍ୟବେକ୍ଷକ ଜି ବିଶ୍ୱନାଥ

## କଂଗ୍ରେସ ନେତା ଅଭିଷେକ ନାୟକଙ୍କ ବିଜେଡିରେ ଯୋଗଦାନ

**ବରଗଡ଼, ୧।୩(ସମିସ):** ବିଜୁ ଜନତା ଦଳର ନବନିଯୁକ୍ତ ପର୍ଯ୍ୟବେକ୍ଷକ ଜି ବିଶ୍ୱନାଥ ବରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ନିର୍ବାଚନମଣ୍ଡଳୀର ଦଳୀୟ ନେତୃମଣ୍ଡଳୀ ଓ କର୍ମୀ ମାନଙ୍କୁ ଭେଟି ଦଳୀୟ ସଂଗଠନ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ବରଗଡ଼ ଠାରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭେଟି ଦଳୀୟ ସଂଗଠନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ସହ ନିର୍ବାଚନ ପାଖେଇ ଆସୁଥିବାରୁ କର୍ମୀମାନେ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ପୌରାଧକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ସମେତ ବହୁ ବିଜେଡି ନେତାଙ୍କୁ ସେ ସାକ୍ଷାତ କରି ଦଳୀୟ ସ୍ଥିତି ଜାଣିବାକୁ ଚେଷ୍ଟା କରିଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବିଜେଡିର ଏକ ମିଶ୍ରଣ ପର୍ବ ହୋଇଥିଲା। ବରଗଡ଼ ୱାର୍ଡ ନମ୍ବର ୭ରେ କଂଗ୍ରେସ ଦଳର କାଉନସିଲର ପ୍ରାର୍ଥୀ ତଥା ଡିସିସି ସାଧାରଣ ସମ୍ପାଦକ ସୋସିଆଲ ମିଡିଆ ପ୍ରଭାରୀ କଂଗ୍ରେସ ନେତା ଅଭିଷେକ ନାୟକ କଂଗ୍ରେସ ଦଳ ଛାଡ଼ି ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ତାଙ୍କ ଯୋଗଦାନକୁ ବିଜେଡି ତରଫରୁ ସ୍ୱାଗତ କରାଯାଇଥିଲା। ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କାର୍ଯ୍ୟ ଶୈଳୀରେ ପ୍ରଭାବିତ ହୋଇ ବିଜେଡିରେ ଯୋଗ ଦେଇଥିବା ଉଲ୍ଲେଖ କରିଛନ୍ତି।



## ଦୁଇ ମାସରେ ୨୦୦ ଜଣଙ୍କ ଆଣ୍ଠୁ ଅପରେସନ୍ ହେଲାଣି

**ବରଗଡ଼, ୧।୩(ସମିସ):** ଓଡ଼ିଶା-ଛତିଶଗଡ଼ ସୀମା ବସନା ଅଗ୍ରୱାଲ ନର୍ସିଂହୋମରେ ରୋଗୀମାନେ ଚିକିତ୍ସିତ ହୋଇ ଖୁସିରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଉକ୍ତ ନର୍ସିଂ ହୋମରେ ଜଟିଳ ରୋଗର ଚିକିତ୍ସା କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା କରିବା ଅତି ସହଜ ଓ ସୁବିଧା ହୋଇଛି। ରାୟପୁର, ନାଗପୁର, ଦିଲ୍ଲୀରୁ ବହୁ ଅଭିଜ୍ଞ ଡାକ୍ତର ଆସି ଖୁବ୍ କମ୍ ଖର୍ଚ୍ଚରେ ଅପରେସନ ସବୁ କରୁଛନ୍ତି। ସମ୍ବଲପୁର ଜିଲ୍ଲା କାଞ୍ଚନପୁର ନିବାସୀ ଧ୍ରୁବ ପ୍ରଧାନ ଓ ଗିରିଶଚନ୍ଦ୍ରପୁର ଗ୍ରାମର ପରମା ନାଏକ, ସେମାନଙ୍କ ସଫଳ ଅସ୍ତ୍ରୋପଚାର କରାଇଥିବା ବେଳେ ଏପର୍ଯ୍ୟନ୍ତ ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ପ୍ରାୟ ୨୦୦ ଜଣ ରୋଗୀ ଉପକୃତ ହୋଇପାରିଛନ୍ତି। ବରଗଡ଼ ଜିଲ୍ଲା ପଦ୍ମପୁର, ଜଗଦଲପୁର, ଖରବନ୍ଧ, ପାଇକମାଳ, ମେଲାଛାମୁଣ୍ଡା ଆଦି ଅଞ୍ଚଳରୁ ବହୁ ରୋଗୀ ଆସି ବିଜୁ ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ଚିକିତ୍ସିତ ହୋଇ ଯାଉଛନ୍ତି ବୋଲି ନର୍ସିଂ ହୋମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅଗ୍ରୱାଲ ନର୍ସିଂ ହୋମରେ ବିଜୁ ସ୍ୱାସ୍ଥ୍ୟକାର୍ଡ ଅପରେସନ ପାଇଁ ଗୋଟିଏ ଟଙ୍କା ବି ହାତରୁ ଖର୍ଚ୍ଚ କରିବାକୁ ପଡୁନାହିଁ। ଏଥିପାଇଁ ବିଭିନ୍ନ ହିତାଧିକାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନର୍ସିଂ ହୋମର ସଞ୍ଚାଳକ ତଥା ଅଗ୍ରୱାଲ ନର୍ସିଂ ହୋମ ଡା ଅମିତ୍ ଅଗ୍ରୱାଲ କହନ୍ତି ଯେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ଚିକିତ୍ସା, ଅସ୍ତ୍ରୋପଚାର ଆଦି ହେଉଛି। ସମୟ ବିଶେଷରେ ମାଗଣାରେ ଔଷଧ ବିତରଣ କରାଯାଉଛି। ଅଳ୍ପ ଦୂରତାରେ ଥାଇ ବିଜୁ ସ୍ୱାସ୍ଥ୍ୟ କାର୍ଡର ସହଯୋଗରେ ସଫଳତା ହାସଲ କରିବାକୁ ସେ ପରାମର୍ଶ ଦେଇଛନ୍ତି।






- ବିଜୁ ସ୍ୱାସ୍ଥ୍ୟକାର୍ଡରେ ସଫଳ ଚିକିତ୍ସା
- ଓଡ଼ିଶା-ଛତିଶଗଡ଼ ସ୍ୱାସ୍ଥ୍ୟସେବାରେ ଭାଗୀଦାରି

## ମୁଖ୍ୟମନ୍ତ୍ରୀଙ୍କୁ ପଦ୍ମପୁର ବଣିକ ସଂଘର କୃତଜ୍ଞତା

**ପଦ୍ମପୁର, ୧।୩(ସମିସ):** ପଦ୍ମପୁର ବଣିକ ସଂଘକୁ ୧୫ ଡିସମିଲ ଜାଗା ପ୍ରଦାନ କରାଯାଇଥିବାରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି କୃତଜ୍ଞତା ଅର୍ପଣ କରାଯାଇଛି। ଶ୍ରୀ ପାଣ୍ଡିଆନଙ୍କୁ ବଣିକ ସଂଘର ପ୍ରତିନିଧିଦଳ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ରାଜ୍ୟ ହାଉସିଂ ବୋର୍ଡ ସଦସ୍ୟ ପ୍ରୀତମ ମେହେରଙ୍କ ନେତୃତ୍ୱରେ ବଣିକ ସଂଘର ରବିନାରାୟଣ ଦୋରା, ମନୋରଞ୍ଜନ ଦୋରା, ଆଦର୍ଶ ବଂଶଲ, ଶୁକଦେବ ମେହେର, ସୁରେଶ ଚାନ୍ଦ, ସୌକିଲାଲ ମେହେର, କମଲ ପଟେଲ, ବୀରେନ୍ଦ୍ର ସାହୁ, ପ୍ରମୋଦ ମେହେର ୫-ଟି ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ରାଜ୍ୟ ପଣ୍ୟାଗାର ଅଧ୍ୟକ୍ଷା ମଞ୍ଜୁଶ୍ରୀ ବଢ଼େଇ ଉପସ୍ଥିତ ଥିଲେ।



## ଝାରମୁଣ୍ଡା ଗାଁକୁ ପାନୀୟଜଳ ଯୋଗାଣ ଦାବି

**ପାଇକମାଳ, ୧।୩ (ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ନବନିର୍ମିତ ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଆମ୍ବେଦକର ଯୋଦ୍ଧାର ଜିଲ୍ଲା ସଭାପତି କୁଶ ତାଣ୍ଡି ଦାବି କରିଛନ୍ତି। ଏହି ପ୍ରକଳ୍ପ ଦୀର୍ଘ ଦିନ ଦୁଇ ବର୍ଷ ଧରି ପଡ଼ି ରହିଛି। ଆଜି ପର୍ଯ୍ୟନ୍ତ ଝାରମୁଣ୍ଡା ଗ୍ରାମର ଲୋକଙ୍କ ପାଖକୁ ପାଣି ପହଞ୍ଚି ପାରିନାହିଁ। ବରଗଡ଼ ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନାହାନ୍ତି। ଶୀଘ୍ର ପାଣି ଯୋଗାଇବାକୁ ପ୍ରଶାସନକୁ ସୋସିଆଲ ମିଡିଆରେ ଜଣାଇଛନ୍ତି। ଯଦି ଆଗାମୀ ସାତ ଦିନ ମଧ୍ୟରେ ପ୍ରଶାସନ କିଛି କାର୍ଯ୍ୟ ନ କଲେ ପାଇକମାଳ ବ୍ଲକ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଆମ୍ବେଦକର ଯୋଦ୍ଧା ପକ୍ଷରୁ ସତର୍କ କରାଯାଇଛି। ଗ୍ରାମର ୱାର୍ଡସଭ୍ୟ ବିଜୟ ଡୁଡୁକା, ସମାଜସେବୀ ପ୍ରଶାନ୍ତ ନେଗୀ, ବରିଷ୍ଠ ସହକର୍ମୀ ଟିକେଶ୍ୱର ନେଗି, ରଣଜିତ ନେଗୀ, ସୁଦାମ ଡୁଡୁକା, ପପୁ କୁମ୍ଭାର, ପ୍ରତାପ ନେଗି ଓ ଗ୍ରାମର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି ବିଷୟରେ ପ୍ରଶାସନ ସହ ଏକ ଟିମ୍ ଆଲୋଚନା କରିବାକୁ ମଧ୍ୟ ସ୍ଥିର ହୋଇଥିବା ଜଣାପଡ଼ିଛି।



## କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ମାଣ୍ଡିଆମଣ୍ଡି ପରିଦର୍ଶନ

**ପାଇକମାଳ/ଦହିତା, ୧।୩ (ସମିସ):** ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଦହିଗାଁ ମାଣ୍ଡିଆ ମଣ୍ଡିର ସଂଗ୍ରହ କେନ୍ଦ୍ର ବାନ୍ଦୁପାଲିକୁ



ବିଭାଗର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ମୋହନ ମିଶ୍ର ପରିଦର୍ଶନ କରିଛନ୍ତି। ବହୁଳ ପରିମାଣରେ ମାଣ୍ଡିଆ ଚାଷ ହୋଇଥିବାରୁ ଅତ୍ୟନ୍ତ ଖୁସି ପ୍ରକଟ ସହ ଉତ୍ସାହିତ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ଅମୀୟ ସାହୁ, ତ୍ରିରଙ୍ଗା ଯୁବକ ସଂଘରୁ ନାରାୟଣ ମହାନନ୍ଦ, ହୃଦାନନ୍ଦ ନାୟକ, ଟିଡିସିସି ବିଏମ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ପାଇକମାଳ ବ୍ଲକ ପିପଲପାଲି ଗ୍ରାମରେ ଓଡ଼ିଶା ମିଲେଟ୍ ମିଶନ ତରଫରୁ ମାଣ୍ଡିଆ ମଣ୍ଡିକୁ ଅଧିକାରୀମାନେ ପରିଦର୍ଶନ କରିଥିଲେ। ଉପ ଜିଲ୍ଲା କୃଷି ଅଧିକାରୀ ନାରାୟଣ ମହାନନ୍ଦ ଓ ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର ଉପସ୍ଥିତ ଥିଲେ। ମଣ୍ଡି ପରିଦର୍ଶନରେ ଓଡ଼ିଶା ମିଲେଟ ମିଶନର ଜିଲ୍ଲା ସଂଯୋଜକ ନାରାୟଣ ପାଣିଗ୍ରାହୀ ଓ ସବ୍ୟସାଚୀ ହନୁମାନ, ୱାଶନ ଆରସି ସୁରେନ୍ଦ୍ର ମେହେର, ମାଣ୍ଡିଆ କ୍ରୟକାରୀ ସଂସ୍ଥା ଟି.ଡି.ସି.ସି ମେନେଜର, ଅହିଂସା କ୍ଲବ୍ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେମାନେ ପାଇକମାଳ ବ୍ଲକରେ ଅଧିକ ମାଣ୍ଡିଆ ଚାଷ ହୋଇଥିବାରୁ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଆହୁରି ଚାଷ କରି ଲାଭାନ୍ୱିତ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ।



ପଦ୍ମପୁରକୁ ଜିଲ୍ଲା ମାନ୍ୟତା ବିଜ୍ଞପ୍ତି ଦାବିରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାରେ ଶୁକ୍ରବାର ବରିଷ୍ଠ ନାଗରିକ ସମୂହ ସାମିଲ ହୋଇଛନ୍ତି।

## କଥାନି ସଙ୍କଳନ 'ଖୁଲା ଆକାଶର ତଲେଁ' ଉନ୍ମୋଚିତ

**ପଦ୍ମପୁର, ୧।୩ (ସମିସ):** ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ଖୋଲା ଆକାଶର ନିଆରା ପରିବେଶରେ ଯୁବ କଥାକାର ପ୍ରଭାତ ସାହୁଙ୍କ ସମ୍ବଲପୁରୀ ଗପ ସଙ୍କଳନ 'ଖୁଲା ଆକାଶର ତଲେଁ' ଉନ୍ମୋଚିତ ହୋଇଯାଇଛି। ପଦ୍ମପୁର ଲୁ' ନାଟ୍ୟ ଆଶ୍ରମ ମହୁଲପାଲିଠାରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ସାହିତ୍ୟିକ ଡ. ପ୍ରମୋଦ ପାଢ଼ୀ, ସମ୍ମାନିତ ଅତିଥି ନାଟ୍ୟକାର ଅଶୋକ ବହିଦାର ଯୋଗ ଦେଇଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବରେ ସମ୍ବଲପୁରୀ କୋଶଲି ସାହିତ୍ୟର ଅଭିବୃଦ୍ଧି ପାଇଁ ଗପର ବିଭିନ୍ନ ଧାରାକୁ ଆଲୋଚନା କରିଥିଲେ। ବହିର ଲେଖକ ପ୍ରଭାତ ସାହୁ, ପ୍ରକାଶକ ଭଗବାନ ମଲ୍ଲିକ ଅନୁଭୂତି କହିଥିବା ବେଳେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ପୁସ୍ତକର ସମୀକ୍ଷା କରିଥିଲେ। ମନୋରଞ୍ଜନ ପୁରୋହିତ, କୈଳାସ କୁମ୍ଭାର, ପରମେଶ୍ୱର ବିଶି, ଦୀପକ ବରିହା, ପୌଲାସ୍ତ୍ୟ ସାହା, ଦୟାସାଗର ଧରୁଆ, ପ୍ରିୟରଞ୍ଜନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




### ଭିନ୍ନ ଏକ ଏସ୍‌ଏଚ୍‌ଜି: ଭିନ୍ନକ୍ଷମ ହେଲେ ବି ସକ୍ଷମ

# ସମ୍ବଲପୁରୀ ଶାଢ଼ି ସହ ଡ୍ରେସ୍ ତିଆରି କରି ସ୍ୱାବଲମ୍ବୀ

**ବରଗଡ଼, ୧।୩(ସମିସ)**

ଅଦମ୍ୟ ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ପରିସ୍ଥିତି, ଦିବ୍ୟାଙ୍ଗ ହୋଇ ମଧ୍ୟ କିଛି କରିପାରିବାର ଦୃଢ଼ ମନୋବଳ ଯୋଗୁ ଆଜି ସେମାନେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏପରି ଏକ ଉଦାହରଣ ହେଉଛନ୍ତି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଗାଁର ପୁରୁଷୋତ୍ତମ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ। ଏହି ଗୋଷ୍ଠୀର ସମସ୍ତ ଯୁବକ ଯୁବତୀ ଦିବ୍ୟାଙ୍ଗ ହେଲେ ବି ନିଜେ ସୂତାରେ ରଙ୍ଗ କରିବା ଠାରୁ ଆରମ୍ଭ କରି ବାନ୍ଧ ବାନ୍ଧିବା ଶାଢ଼ି ବୁଣିବା ସହ ଡ୍ରେସ ଆଦି ତିଆରି କରୁଛନ୍ତି; ଆଉ ନିଜେ ସ୍ୱାବଲମ୍ବୀ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମରେ ରହିଛି ପୁରୁଷୋତ୍ତମ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ। ୨୦୦୬ରୁ ଆରମ୍ଭ ହୋଇଥିବା ଏହି ସ୍ୱୟଂ ସହାୟକ ଗୋଷ୍ଠୀରେ ଛଅ ଜଣ ସଦସ୍ୟ ସଦସ୍ୟା ରହିଥିବା ବେଳେ ସମସ୍ତେ ହେଉଛନ୍ତି ଦିବ୍ୟାଙ୍ଗ। ଦିବ୍ୟାଙ୍ଗ ହେଲେ ସୁଦ୍ଧା ଏମାନେ କେବେ ନିଜକୁ ଅକ୍ଷମ ଭାବି ନାହାନ୍ତି। ସମସ୍ତଙ୍କ ପାଖରେ ଅଛି ଅଦମ୍ୟ ସାହସ ଆଉ କିଛି କରି ଦେଖେଇବାର ନିଶା। ଯେହେତୁ ଏମାନେ ସମସ୍ତେ ବୁଣାକାର ପରିବାରରୁ ଆସିଛନ୍ତି ଏବଂ ବସ୍ତ୍ର ବୁଣିବା ଏମାନଙ୍କ କୌଳିକ ବୃତି। ତେଣୁ ଏମାନେ କାହା ଉପରେ ନିର୍ଭର ନକରି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ସମସ୍ତେ ଏକାଠି ହୋଇ ୨୦୦୬ ମସିହାରୁ ଗଠନ କଲେ ପୁରୁଷୋତ୍ତମ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ। ଏହି ଗୋଷ୍ଠୀରେ ସଭାପତି କୈଳାଶ ମେହେର, ସମ୍ପାଦକ ସୁଶାନ୍ତ ମେହେର, ପ୍ରେମାନନ୍ଦ ମେହେରଙ୍କ ସମେତ ତିନି ଜଣ ଯୁବତୀ ସୁରଭି ମେହେର, ଲକ୍ଷ୍ମୀ ମେହେର ଏବଂ ଗୀତା ଥାଟୀ ସଦସ୍ୟ ରହିଛନ୍ତି। ଆଉ କଠିନ ପରିଶ୍ରମ କରି ଭଲି ଭଲିକା ସମ୍ବଲପୁରୀ ଶାଢ଼ି ବୁଣୁଛନ୍ତି ଏହି ଗୋଷ୍ଠୀ ସଦସ୍ୟା। ଶାଢ଼ି ବୁଣା କାମରେ କେହି କାହାଠୁ କମ ନୁହନ୍ତି ମାତ୍ର ସମସ୍ତଙ୍କର ସହଭାଗିତା କାମକୁ ସହଜ କରିଦେଉଛି। ଏମାନଙ୍କ ହାତବୁଣା ଶାଢ଼ିର ବେଶ୍ ଚାହିଦା ରହିଛି ମାତ୍ର ଶାରୀରିକ ଅକ୍ଷମତା ଯୋଗୁ ବଜାରକୁ ଏମାନେ ବିକ୍ରୟ କରିବାକୁ ଯାଇପାରୁ ନ ଥିବାରୁ ବ୍ୟବସାୟୀଙ୍କୁ ଦେବାକୁ ବାଧ୍ୟ ହେଉଛନ୍ତି। ସେହିପରି ଏହି ଗୋଷ୍ଠୀର ସଦସ୍ୟାମାନେ ସମ୍ବଲପୁରୀ କପଡ଼ାରେ ଭଳିକି ଭଳି ଡ୍ରେସ ତିଆରି କରିଥାନ୍ତି। ତେବେ ସରକାରୀ ସ୍ତରରେ ଏମାନଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ଗୋଟିଏ






ଇରିକ୍ସା ଯୋଗାଇ ଦିଆଗଲେ ନିଜେ ଏମାନେ ସୂତା, ରଙ୍ଗ ଆଣି ଶାଢ଼ି ବୁଣିବା ସହ ବଜାରରେ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ କରି ଅଧିକ ଲାଭବାନ ହୋଇପାରିବେ ବୋଲି କହିଛନ୍ତି। କାରଣ ଯେଉଁ ହିସାବରେ ଏମାନେ ସମସ୍ତେ ପରିଶ୍ରମ କରି ଗୋଟିଏ ଶାଢ଼ୀ ବୁଣୁଛନ୍ତି ସେହି ହିସାବରେ ନିଜର ଉତ୍ପାଦିତ ସମ୍ବଲପୁରୀ ଶାଢ଼ି ବିକ୍ରୟ କରିପାରୁ ନାହାନ୍ତି। ଅପରପକ୍ଷେ ଅନ୍ୟ ବୁଣାକାରମାନଙ୍କ ପରି ଏମାନଙ୍କୁ ମଧ୍ୟ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଗଲେ ସେମାନେ କିଛି ଲାଭାନ୍ୱିତ ହୋଇପାରନ୍ତେ। ଯାହାକି ଏହି ଗୋଷ୍ଠୀର ସଦସ୍ୟମାନଙ୍କ ପାଖରେ ଅପହଞ୍ଚ ହୋଇରହିଛି। ସେ ଯାହା ହେଉ ଅନ୍ୟ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିବା ଏହି ପୁରୁଷୋତ୍ତମ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀର ବୁଣାକାର ଭାଇ ଭଉଣୀ ନିଶ୍ଚିତ ଭାବେ ପ୍ରେରଣାର ଉତ୍ସ ପାଲଟିଥିବା ବେଳେ ବୁଣାକାରମାନଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଗଲେ ଏମାନେ ବେଶ ଉପକୃତ ହୋଇପାରନ୍ତେ।

# ଦୁର୍ଘଟଣାରେ ଜଣେ ମୃତ, ତିନି ଗୁରୁତର

**ବଲାଙ୍ଗିର, ୧।୩(ସମିସ):** ବଲାଙ୍ଗିର ସହର ଲର୍କିପାଲିସ୍ଥିତ ଆଇଟିଆଇ କଲେଜ ସମ୍ମୁଖରେ ଥିବା ବୁଲାଣିରେ ଏକ ଦୁର୍ଘଟଣାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବିରକେଲ ଗ୍ରାମର ଭାଗ୍ୟ ପଟେଲଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟାରେ ଭାଗ୍ୟ ପଟେଲ, ତାଙ୍କର ସ୍ତ୍ରୀ ଓ ଝିଅ ବାଇକ୍‌ରେ ଆସୁଥିବାବେଳେ ଉକ୍ତ ବୁଲାଣିରେ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣାଟି ଏତେ ଜୋର ଥିଲା ଯେ ଘଟଣାସ୍ଥଳରେ ହିଁ ଭାଗ୍ୟ ପଟେଲଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଝିଅ ମଧ୍ୟ ଗୁରୁତର ହୋଇଛନ୍ତି। ଏହାସହ ଅନ୍ୟ ବାଇକ ଚଳାକ ବିକ୍ରମ ମୁଣ୍ଡା ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ଚିକିତ୍ସା କରାଯାଉଛି।

# ସିନ୍ଧେକେଲାରେ ବିଜେଡିର ଜନସଭା

**ବଲାଙ୍ଗୀର, ୧।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲାଠାରେ ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ଆହ୍ୱାନକ୍ରମେ ୧୨ଟି ପଞ୍ଚାୟତର ଜନସାଧାରଣଙ୍କୁ ନେଇ ବିଶାଳ ଜନସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ ଯୋଶୀ, ବିଜେଡି ନେତା ବଡ ନାଗ, ଚୁଡାମଣି ରଣା, କୌଶିକ ରଣା, ଗୌରାଙ୍ଗ ମହାନନ୍ଦ, ପ୍ରକାଶ କୁମ୍ଭାର, ଭିକାରୀ ବେହେରା, ଗଣେଶ ସାହୁ, ଟୁନୁ ସାହୁ, ଜଳୀନ ରଣା, ପ୍ରଦୀପ ସାହୁ, ବିରଞ୍ଚି ଜାଲ, ନରେନ୍ଦ୍ର ତାଣ୍ଡି, ବିନୟ ବିଭାର, ଅଭି ନାଗ, ରାଜେଶ ଶର୍ମା, ଧନଞ୍ଜୟ ମଟଖଣ୍ଡ, ବିଷ୍ଣୁ ବେହେରା, ମଣ୍ଟୁ ଗଡୁଆ, ମୁନି ଜୈନ, ବୁଲୁ ସିଂ ଦେଓ, ଫୁଲଚନ୍ଦ ଜୈନ, ବିଶ୍ୱନାଥ ସାହୁ, ଦେବରାଜ ଦଣ୍ଡସେନା, ଚନ୍ଦନ ମହାନନ, ହେମନ୍ତ ବିଶ୍ୱାଳ, ସୁସାନ୍ତ ଥନାପତି ,ଭଗନୁ ଜୈନ, ବିଭୁ ଗହୀର, ଇନ୍ଦ୍ର ସାହୁ, ସୁଧାକର ସାହୁ ଉପସ୍ଥିତ ଥିଲେ।




# ଆଇଆଇଏମ୍‌ରେ ୧୦୦କ୍ୟୁବ୍ ଷ୍ଟାର୍ଟଅପ୍, ଆଇ-ହବ୍ ଉଦ୍‌ଘାଟିତ

- ‘ସେଣ୍ଟର ଅଫ୍ ମ୍ୟାନେଜମେଣ୍ଟ୍ ଏଜୁକେସନ’ ଏମଓୟୁ ସ୍ୱାକ୍ଷରିତ
- ୨୦୩୬ସୁଦ୍ଧା ୧୦୦ଟି ଷ୍ଟାର୍ଟଅପ୍ ପାଇଁ ପଦକ୍ଷେପ

**ବୁର୍ଲା, ୧।୩(ସମିସ)**

ବସନ୍ତପୁରସ୍ଥିତ ଆଇଆଇଏମ୍ ସମ୍ବଲପୁରରେ ୧୦୦କ୍ୟୁବ୍ ଷ୍ଟାର୍ଟଅପର ଶୁଭାରମ୍ଭ ହେବା ସହ ଆଇ-ହବ୍ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ମହତ୍ୱକାଂକ୍ଷୀ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ସହ ଆଇଆଇଏମ ସମ୍ବଲପୁରରେ ଇନକୁବେଟର ହବ୍(ଆଇ-ହବ୍)ର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବ। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ଶତାବର୍ଷିକୀ ପାଳନ କରିବା ବେଳେ ସ୍ଥାପନା ହେବାକୁ ଥିବା ୧୦୦ଟି ଷ୍ଟାର୍ଟଅପର ପ୍ରତ୍ୟେକ ଷ୍ଟାର୍ଟଅପର ମୂଲ୍ୟ ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା ହେବ। ଆଇଆଇଟି ଭୁବନେଶ୍ୱରରେ ରିସର୍ଚ୍ଚ ପାର୍କ ଭଳି ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଷ୍ଟାର୍ଟ ଅପ୍ ଗୁଡ଼ିକୁ ନିବେଶକଙ୍କ ସହ ସମନ୍ୱୟ ସ୍ଥାପନ କରିବା ପାଇଁ ଆବଶ୍ୟକୀୟ ସମ୍ବଳ, ସହଯୋଗ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଓଡ଼ିଶାରେ ରୋଜଗାର ସୃଷ୍ଟି କରାଇବା ପାଇଁ, ଯୁବକଙ୍କୁ ଆତ୍ମନିର୍ଭର କରିବା ପାଇଁ ଏବଂ ଓଡ଼ିଆ ସମ୍ପନ୍ନତାକୁ ପୁଣି ଥରେ ପୁନର୍ଜୀବିତ କରିବା ପାଇଁ ପଡ଼ିବ। ୧୦କ୍ୟୁବ୍ ଷ୍ଟାର୍ଟଅପ ନବସୃଜନ ସୃଜନଶୀଳତା, ଉଦ୍ୟମିତା ସଂସ୍କୃତିର ପ୍ରତୀକ। ସମ୍ବଲପୁରରେ ଆଇଆଇଏମ ସମ୍ବଲପୁର ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୁର୍ଲା ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଭଳି ଜାତୀୟସ୍ତରର ଅନୁଷ୍ଠାନ ସ୍ଥାପନା ହୋଇଛି। ଏଠାକାର ଛାତ୍ରଛାତ୍ରୀ ଏବଂ ପ୍ରଧ୍ୟାପକଙ୍କ ମଧ୍ୟରେ ଭରପୂର ପ୍ରତିଭା ଅଛି। ୱେଲଥ କ୍ରିଏଟର ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ୱେଲଥ କ୍ରିଏଟର ହେଲେ ହିଁ ଅଧିକ ନିଯୁକ୍ତି, ଆର୍ଥିକ ସୁଯୋଗ ଉପଲବ୍ଧ ହେବା ସହ ସମାଜର ଅନ୍ତିମ ଶ୍ରେଣୀର ଲୋକମାନେ ସମ୍ପନ୍ନ ହେବେ। ଆଗାମୀ ଦିନରେ ନୂଆପିଢ଼ିର ଓଡ଼ିଆ ପିଲାମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ବଢ଼ାଇବା ଦରକାର। ଏହି ଅବସରରେ ଶ୍ରୀ ପ୍ରଧାନ ଭାରତରେ ଷ୍ଟେମ୍ ଶିକ୍ଷାରେ ଅଧିକାଂଶ ଛାତ୍ରୀଙ୍କ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ। ମନ୍ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବା କଳାହାଣ୍ଡିର ଯୁବ ଉଦ୍ୟମୀ ଦମ୍ପତି ଜୟନ୍ତୀ ମହାପାତ୍ରଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଛେଳିପାଳନକୁ ପ୍ରୋତ୍ସାହନ ଦେବା ଦିଗରେ ଜୟନ୍ତୀ ଓ ତାଙ୍କ ସ୍ୱାମୀ ମାଣିକାସ୍ତୁ ଏଗ୍ରି ଏବଂ ମାଣିକାସ୍ତୁ ଗୋଟ୍ ବ୍ୟାଙ୍କ୍ ସ୍ଥାପନ କରି ଛେଳି ପାଳନକୁ ଅତ୍ୟାଧୁନିକ ପଦ୍ଧତିରେ ଆଗକୁ ନେଇ ୧୦୦୦ ଲୋକଙ୍କୁ ଧନୀ ହେବା କାମ କରୁଛନ୍ତି। ଏହି ଉଦ୍ୟମ ପ୍ରଶଂସନୀୟ। ଏହି କନକ୍ଲେଭରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଗୋଳରେ ସେଣ୍ଟର ଅଫ୍ ମ୍ୟାନେଜମେଣ୍ଟ୍ ଏଜ୍ୟୁକେସନ ସ୍ଥାପନା ପାଇଁ ଆଇଆଇଏମ ସମ୍ବଲପୁର ଓ ଆଇଆଇଏମ ମୁମ୍ବାଇ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସହ ଅନ୍ୟାନ୍ୟ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି କନକ୍ଲେଭରେ ବଜାଜ ଫିନସର୍ଭର ସିଏମଡି ସଞ୍ଜୀବ ବଜାଜ, କୋଲ ଇଣ୍ଡିଆର ଏମଡି ପିଏମ୍ ପ୍ରସାଦ, ସେଲର ସିଏମଡି ଅମରେନ୍ଦୁ ପ୍ରକାଶ, ନାଲକୋ ଏମଡି ଶ୍ରୀଧର ପାତ୍ର ଉପସ୍ଥିତ ଥିଲେ। ଏହାସହ ଓଡ଼ିଶା ସମେତ ଦେଶର ଷ୍ଟାର୍ଟଅପ୍ ସମୂହର ବ୍ୟକ୍ତିବିଶେଷ, ନିବେଶକ, ଶିକ୍ଷ ପରାମର୍ଶଦାତା ଓ ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଆଇଆଇଏମ ସମ୍ବଲପୁର ପକ୍ଷରୁ ଏକ ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଇଥିଲା।




# ମୋବାଇଲ ଚୋରି କରି ଟଙ୍କା ଠକେଇ

**ବଲାଙ୍ଗିର, ୧।୩(ସମିସ):** ଠକେଇ କରିବାର ନୂଆ ତରିକା ଆପଣାଇଛନ୍ତି ଚୋର। ପ୍ରଥମେ ମୋବାଇଲ ଚୋରି କରିବା ପରେ ସେହି ମୋବାଇଲରୁ ସମ୍ପର୍କୀୟଙ୍କୁ ଫୋନକରି ଟଙ୍କା ମାଗୁଛନ୍ତି। ବଲାଙ୍ଗିର ସହର ତୁଳସୀନଗରଠାରେ ଏଭଳି ଏକ ମୋବାଇଲ ଚୋରି ଓ ଟଙ୍କା ଠକେଇ ଅଭିଯୋଗରେ ଦେଓଗାଁ ଅଞ୍ଚଳର ସୁନୀଲ ଥନାପତିକୁ ଗିରଫ କରାଯାଇଛି। ପ୍ରକାଶ ଯେ ଗତ ଫେବୃଆରୀ ୨୭ ତାରିଖ ନୟାଗଡ଼ର ସିତେଶ ରଥ ଟାଉନ ଥାନାରେ ଏକ ଅଭିଯୋଗ କରିଥିଲେ। କେହିଜଣେ ତାଙ୍କ ମୋବାଇଲ ଚୋରିକରି ତାଙ୍କ ଜଣେ ସମ୍ପର୍କୀୟଙ୍କ ଠାରୁ ଟଙ୍କା ଠକେଇ କରିଥିବା ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଟାଉନ ପୁଲିସ ସୁନୀଲକୁ ଗିରଫ କରିଥିବାବେଳେ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା କରି କୋର୍ଟ ଚାଲାଣ କରିଛି।

# ନାବାଳିକା ଓ ସାବାଳକ ଉଦ୍ଧାର

**ପଦ୍ମପୁର/ଝାରବନ୍ଧ, ୧।୩ (ସମିସ):** ସରକାର ବାଲ୍ୟବିବାହକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ସଚେତନ ସହ କଡା ପଦକ୍ଷେପ ନେଉଛନ୍ତି। ପ୍ରତ୍ୟେକ ଅଙ୍ଗନବାଡି କର୍ମୀମାନଙ୍କୁ ଏହି ପ୍ରସଙ୍ଗକୁ ଗୁରୁତର ସହ ନେବାକୁ ନିର୍ଦ୍ଦେଶ ରହିଛି। ତଦନୁସାରେ, ଶିଶୁବିଭାଗ ପକ୍ଷରୁ ଘରୁ ଚାଲି ଯାଇଥିବା ଜଣେ ସାବାଳକ ସହ ନାବାଳିକାକୁ ଉଦ୍ଧାର କରାଯାଇଛି।

ଜଗଦଲପୁର ଥାନାଞ୍ଚଳର ଜଣେ ଯୁବକ ବାପ ଛେଉଣ୍ଡ ନାବାଳିକାକୁ ନେଇ କୁଆଡ଼େ ଚାଲିଯାଇଥିଲା। ଖବର ପାଇ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପୁଲିସର ସହାୟତାରେ ପୁଅ-ଝିଅଙ୍କୁ ଉଦ୍ଧାର କରିଥିଲେ। ଜଗଦଲପୁର ଶିଶୁ ବିଭାଗ ନିରୀକ୍ଷକ ଘଟଣାର ତଦନ୍ତ କରି ଉଚ୍ଚ ପଦାଧିକାରୀଙ୍କୁ ନାବାଳିକା ଓ ସାବାଳକର ସଂପର୍କ ସମ୍ବନ୍ଧରେ ଜଣାଇଛନ୍ତି। ଜଗଦଲପୁର ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ପଣ୍ଡୁଆ କମିରା ବିଜୁସେତୁ ଭିତ୍ତିପ୍ରସ୍ତର

# ୩୧ କୋଟି ୯୦ ଲକ୍ଷରେ ହେବ ୫ଟି ରାସ୍ତା



**ବୀରମହାରାଜପୁର, ୧।୩ (ସମିସ):** ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ରାସ୍ତା ନିର୍ମାଣ ବିଭାଗ ଦ୍ୱାରା ୩୧ କୋଟି ୯୦ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ରାସ୍ତା ଏବଂ ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଯୁଧିଷ୍ଠିରପୁର ଜଟେସିଂହା ରାସ୍ତା ୩ କୋଟି ୧୪ ଲକ୍ଷ ୭୫ ହଜାର ଟଙ୍କା, ବଡଖମାର ଡୁମୁରୀ ରାସ୍ତା ୨କୋଟି ୩୪ ଲକ୍ଷ ୯ ହଜାର ଟଙ୍କା, ପଣ୍ଡୁଆ କମିରା ବିଜୁ ସେତୁ ୧୫ କୋଟି ୭୬ ଲକ୍ଷ ୯୪ ହଜାର ଟଙ୍କା, କେନଝିରିଆପାଲି ଗୋଘାଟ ରାସ୍ତା ୫ କୋଟି ୫୯ଲକ୍ଷ ୪୯ ହଜାର ଟଙ୍କା, ଲୁହାଖଣ୍ଡି କେନ୍ଦୁପାଲି ମସନାପାଲି ରାସ୍ତାର ଉନ୍ନତିକରଣ ପାଇଁ ୪ କୋଟି ୨୩ଲକ୍ଷ ୬୯ ହଜାର ଟଙ୍କାରେ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ପୂର୍ବତନ ଅଧକ ଶମ୍ଭୁନାଥ ଖଣ୍ଡଗିରି, ରଞ୍ଜିତ ରଥ, ସମାଜସେବୀ କିଶୋର ହୋତା, ବିହାରୀଲାଲ ମିଶ୍ର, ତୁଳସୀଦାସ ହୋତା, ଚିତ୍ତରଞ୍ଜନ ଦାଶ, ମଧୁସୂଦନ ପଣ୍ଡା, ଜଟେସିଂହା ସରପଞ୍ଚ ସୁନିତା ପଧାନ, ସମିତିସଭ୍ୟ ରଶ୍ମିତା ପାଣ୍ଡେ, ଖଣ୍ଡହଥା ସମିତିସଭ୍ୟ ବିନୋବାନନ୍ଦ ପଧାନ, ବିଭାଗୀୟ ଏସଡିଓ, ଜୁନିୟର ଇଞ୍ଜିନିଅର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରାସ୍ତା ଜନସାଧାରଣଙ୍କ ପାଇଁ ଜୀବନରେଖା ପାଲଟିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଠିକାଦାର ଜୟରାମ ପୂଜାରୀ, ରାଜେନ୍ଦ୍ର ଚାନ୍ଦ, କୁଶକୁମାର ସାହୁ ପ୍ରମୁଖ ନିୟୋଜିତ ହୋଇଥିବା ସୂଚନା ମିଳିଛି।

# ଗୋରଖପୁର-ହାଟିଆ ମୌର୍ଯ୍ୟ ଏକ୍ସପ୍ରେସ୍ ସମ୍ବଲପୁରକୁ ସମ୍ପ୍ରସାରିତ

**ସମ୍ବଲପୁର, ୧।୩(ସମିସ):** ସମ୍ବଲପୁର ହଟିଆ-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁର ଷ୍ଟେସନରୁ ଆଜି ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକଙ୍କ ଦୀର୍ଘ ଦିନର ଅପେକ୍ଷାକୁ ପୂରଣ କରିଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ସମ୍ବଲପୁର ସମେତ ଆଖପାଖ ଜିଲ୍ଲାରେ ଉତ୍ତର ଭାରତର ଅନେକ ଲୋକ ବସବାସ କରନ୍ତି। ଗୋରଖପୁର ହଟିଆ ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦ୍ୱାରା ଏହି ଲୋକଙ୍କର ଥିବା ଦୀର୍ଘ ଦିନର ଅପେକ୍ଷାକୁ ପୂରଣ କରାଯାଇଛି। ଟ୍ରେନଟି ହଟିଆରୁ ବାହାରି ରାଉରକେଲା, ଝାରସୁଗୁଡ଼ା ଓ ସମ୍ବଲପୁର ଷ୍ଟେସନରେ ରହଣି ହେବାର ନିଷ୍ପତ୍ତି ହୋଇଛି। ଏହି ଟ୍ରେନ ଚଳାଚଳ ଦ୍ୱାରା ଗୋରଖପୁର, ବନାରସ ସମେତ ଅଯୋଧ୍ୟାରେ ପ୍ରତିଷ୍ଠା ହୋଇଥିବା ଭବ୍ୟ ରାମ ମନ୍ଦିର ଦର୍ଶନ କରିବା ପାଇଁ ଯାତ୍ରୀ ବ୍ୟବସ୍ଥା ସୁଗମ ହୋଇଛି। ଏହି ବ୍ୟବସ୍ଥା ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେଶରେ ମୋଦି ସରକାରରେ ସବୁ କ୍ଷେତ୍ର ବିଶେଷ ଭାବରେ ରେଳ ବିଭାଗରେ ଲୋକଙ୍କର ପ୍ରତି ଆଶା ବଢ଼ିଛି। ପ୍ରାୟ ୪୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ସମ୍ବଲପୁର ଷ୍ଟେସନ ସମେତ ସହରରେ ଥିବା ଅନ୍ୟାନ୍ୟ ଷ୍ଟେସନର ନବୀକରଣ ହେଉଛି। ଆଜିର ପଦକ୍ଷେପ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ସମେତ ଆଖପାଖ ଜିଲ୍ଲାର ଯାତ୍ରୀ ସୁବିଧାକୁ ସୁଗମ କରିବ। ରେଳବାଇ କ୍ଷେତ୍ରରେ ଓଡ଼ିଶାର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ସାମିଲ ହୋଇଥିଲେ। ଷ୍ଟେସନରେ ଡିଆରଏମ ତୁଷାରକାନ୍ତ ପାଣ୍ଡେ, ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ପ୍ରମୁଖ ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ରେଙ୍ଗାଲି ବିଧାୟକ ନାଉରି ନାୟକଙ୍କ ସମେତ ଦଳୀୟ ନେତୃତ୍ୱ ମଧ୍ୟ ଉପସ୍ଥିତ ରହିଥିଲେ।




# ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

**ବୌଦ୍ଧ, ୧।୩(ସମିସ):** ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଅଧୀନସ୍ଥ ନେହରୁ ଯୁବକେନ୍ଦ୍ର ବୌଦ୍ଧ ଆନୁକୂଲ୍ୟରେ ବାଉଁଶୁଣୀ ମାଁ ମାହେଶ୍ୱରୀ ଡିଗ୍ରୀ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ଯୁବସଂସଦ କାର୍ଯ୍ୟକ୍ରମ ହୋଇଯାଇଛି। ଏହି ପ୍ରତୀକାତ୍ମକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଅନିରୁଦ୍ଧ ମହାକୁଳ, ସମ୍ମାନିତ ଅତିଥି ଭାବେ ମାଁ ମାହେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବରେ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଶୋକ ପାଣ୍ଡିଆ ଯୁବ ସଂସଦର ଆବଶ୍ୟକତା, ସହାଭାଗିତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ସ୍ୱଚ୍ଛ, ମୁକ୍ତ ଓ ଅବାଧ ମତଦାନ କରିବା ସମ୍ପର୍କରେ ଅବଗତ କରାଇଥିଲେ। ଯୁବସଂସଦରେ ବାଚସ୍ପତି ଭାବେ ଧରିତ୍ରୀ ବଡ଼ମାଳୀ, ଶିକ୍ଷାମନ୍ତ୍ରୀ ଭାବେ ସିଗମାରାଣୀ ମହାକୁଳ, ଖାଦ୍ୟ ଓ ଜଳଯୋଗାଣ ମନ୍ତ୍ରୀ ଭାବେ ସୁନିତା ମେହେର, ପଞ୍ଚାୟତିରାଜ ମନ୍ତ୍ରୀ ଭାବେ ବର୍ଷାରାଣୀ କୁମ୍ଭାର, ଅର୍ଥମନ୍ତ୍ରୀ ଭାବେ ଦୀପ୍ତିମୟୀ ଦନ୍ତା, କ୍ରୀଡ଼ାମନ୍ତ୍ରୀ ଭାବେ ପୂଜାରିଣୀ ମେହେର, ସଂସ୍କୃତି ମନ୍ତ୍ରୀ ଭାବେ ବିଚିତ୍ର ମେହେର, କୃଷିମନ୍ତ୍ରୀ ଭାବେ ସଚିତା ରଣା, ଶିଶୁ କଲ୍ୟାଣ ମନ୍ତ୍ରୀ ଭାବେ ରିତା ବେହେରା, ଗୃହମନ୍ତ୍ରୀ ଭାବେ ସମ୍ପଦ ଗାଇଗୌରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୫ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକେନ୍ଦ୍ରର କର୍ମକର୍ତ୍ତା ଆସମାନ ମହାକୁଡ଼ ଓ କଲେଜର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଜାତୀୟ ଯୁବ ସ୍ୱେଚ୍ଛାସେବୀ ସୁଧିରଦୀପ ଧନ୍ୟବାଦ ଅର୍ପଣ କରିଥିଲେ।



# ରୋଜଗାର ଚିନ୍ତାରେ ବାଉଁଶ କାରିଗର

## ହଜି ଗଲାଣି ବାଉଁଶ ତିଆରି କୃଷି ଉପକରଣ



**ସୋନପୁର, ୧।୩(ସମିସ):** ପୂର୍ବ ପୁରୁଷଙ୍କ ସମୟରୁ କୌଳିକ ବୃତ୍ତିକୁ ଜୀବିକା କରି ଚଳି ଆସୁଥିବା ବାଉଁଶ କାରିଗର ବା ପାତିକାର ମାନଙ୍କୁ ଆଧୁନିକତାର ଚାପରେ ଜୀବିକା ହରାଇବାର ଭୟ ଘାରିଲାଣି। ସମୟ ଥିଲା କୃଷି କାର୍ଯ୍ୟଠାରୁ ଆରମ୍ଭ କରି ସାମାଜିକ ପର୍ବପର୍ବାଣୀରେ ପାତିକାର ମାନଙ୍କ ଦ୍ୱାରା ବାଉଁଶରୁ ତିଆରି ଜିନିଷର ବେଶ ଚାହିଦା ରହିଥିଲା। ବିଭିନ୍ନ ବାଉଁଶ ଉପକରଣ ସାମାଜିକ ଚଳଣିର ଏକ ଅଙ୍ଗ ହୋଇ ରହିଥିଲା। ଚାଷ କାମ ପାଇଁ ପାତିକାରମାନେ ବାଉଁଶର ମୋଟା ପାତିଆରେ ତିଆରି କରୁଥିବା ‘ଗୁରଲ୍’ ଏବଂ ‘ଲୁଦର୍’ର ବ୍ୟବହାର ହେଉଥିଲା। ବିଲକୁ ଗୋବର ଖତ ନେବା ପାଇଁ ହେଉ କିମ୍ବା ବିଲରୁ ଅମଳ ଧାନ ବୋହିବା ପାଇଁ ହେଉ ବାଉଁଶ ଉପକରଣ ନହେଲେ କାମ ହେଉ ନଥିଲା। ବର୍ତ୍ତମାନର ଯୁଗରେ ଏ ସବୁର ଦେଖା ନାହିଁ। ଗାଁ ଗହଳିରେ ଏହା ହଜି ଗଲାଣି। ଡିଜେଲ, ପେଟ୍ରୋଲ ଇନ୍ଧନ ଦ୍ୱାରା ଚାଲୁଥିବା ଟ୍ରାକ୍ଟର ଏହାର ସ୍ଥାନ ନେଇଛି। ଫଳରେ ଖର୍ଚ୍ଚ ବଢ଼ିବା ସହ ବାୟୁ ପ୍ରଦୂଷିତ ହେଉଛି। ବାଉଁଶରେ ତିଆରି ଚାଷ ଉପକରଣ ଗୁଡ଼ିକୁ ପରବର୍ତ୍ତୀ ପିଢ଼ି ଆଉ ଦେଖିବାକୁ ପାଇବେ ନାହିଁ।

ଏବେ ପାତିକାର ମାନଙ୍କ ଉପରେ ଚାଷୀ ଲୁଦର ଓ ଗୁରଲ ପାଇଁ ନିର୍ଭର କରୁନାହାନ୍ତି। ବାହାଘର ସମୟରେ ଆଉ ଭୁଗା, ଟୁପା, କୁଲା ଇତ୍ୟାଦି ଖୋଜା ପଡୁନି। ବଜାରରେ ପ୍ଲାଷ୍ଟିକ ସାମଗ୍ରୀ ସହଜରେ ଉପଲବ୍ଧ ହେଉଥିବାରୁ ବାଉଁଶ ଜିନିଷର ବ୍ୟବହାର କମି ଯାଉଛି। ଫଳରେ ପୂର୍ବ ଭଳି ବାଉଁଶ କାରିଗରଙ୍କ ରୋଜଗାର ଆଉ ହେଉନାହିଁ। ବାଉଁଶ ତିଆରି ଜିନିଷ ଅଲୋଡ଼ା ହୋଇଯାଉଛି। ଅନେକ ପାତିକାର ପରିବାର ଜୀବିକା ହରାଇ ସଙ୍କଟରେ ପଡିଛନ୍ତି। କୁଳବୃତ୍ତି ନକଲେ ଚଳିବ ନାହିଁ ବୋଲି ବାଧ ବାଧକତାରେ କିଛି ଏହା ଜାରି ରଖିଛନ୍ତି। ସରକାରୀ ସ୍ତରରେ ବି ସେହିଭଳି ଭାବେ ପ୍ରୋତ୍ସାହନ ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। କିଛି ବର୍ଷ ପରେ ଆମ ବେପାର ବନ୍ଦ ହୋଇଯାଇପାରେ ବୋଲି କିଛି ବାଉଁଶ କାରିଗର କ୍ଷୋଭର ସହ କହିଛନ୍ତି।

## ମିଶନ ପଥରେ ମିଶନ ଶକ୍ତି

# ହାତ ତିଆରି ମାଣ୍ଡିଆ ପାମ୍ପଡ଼ର ବ୍ୟାପକ ଚାହିଦା

**ବଲାଙ୍ଗିର, ୧।୩(ସମିସ)**

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ମହିଳାଙ୍କୁ ସ୍ୱାବଲମ୍ବୀ କରିଛି। ଦିନେ ଘରେ ଚୁଲି ମୁଣ୍ଡରେ ସମୟ କଟୁଥିଲା କିନ୍ତୁ ଆଜି ତାଙ୍କ ହାତ ତିଆରି ସାମଗ୍ରୀ ଜିଲ୍ଲା ତଥା ରାଜ୍ୟ ବାହାରେ ଚାହିଦା ରହିଛି। ମହିଳାମାନେ ତିଆରି କରୁଥିବା ସାମଗ୍ରୀ ତାଙ୍କର ଏକ ପରିଚୟ ସାଜିଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାର ଜଣେ ମହିଳା ମାଣ୍ଡିଆରେ ପାମ୍ପଡ ତିଆରି କରି ତାହାକୁ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିବା ସହ ଉଦାହରଣ ସୃଷ୍ଟି କରିଛନ୍ତି।

ବଲାଙ୍ଗିର ସହର ବିଭୂତିପଡ଼ାର ଗୀତାଞ୍ଜଳି ମହାପାତ୍ର। ୨୦୦୭ରେ ତାଙ୍କ ପଡ଼ାରେ ଗଠନ ହୋଇଥିବା ଅଷ୍ଟଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀରେ ମିଶିଥିଲେ। ଏସଏଚଜିରେ ମିଶିବା ପରେ ବିଭିନ୍ନ ସମୟରେ ସ୍ୱାବଲମ୍ବୀ ହେବା ପାଇଁ ମହିଳା ମାନଙ୍କୁ ସରକାର ଦେଉଥିବା ସୁବିଧା ଓ ପ୍ରୋତ୍ସାହନ ବିଷୟରେ ଶୁଣିଆସୁଥିଲେ। ସେହିଦିନଠାରୁ ହିଁ ନିଜ ହାତରେ କିଛି କରିବା ପାଇଁ ମନସ୍ଥ କରିଥିଲେ। ରାଜ୍ୟରେ ମାଣ୍ଡିଆ ଓ ମାଣ୍ଡିଆରେ ତିଆରି ସାମଗ୍ରୀର ଚାହିଦା କିଛି ବର୍ଷ ଭିତରେ ବୃଦ୍ଧି ପାଇଛି। ମିଲେଟ ମିଶନ ହେବା ଦ୍ୱାରା ମାଣ୍ଡିଆ ମଧ୍ୟ ସହଜରେ ମିଳିପାରୁଛି। ତେବେ ଗୀତାଞ୍ଜଳି ପ୍ରଥମେ ପରୀକ୍ଷାମୂଳକ ଭାବେ ଘରେ ନିଜେ ମାଣ୍ଡିଆରେ ତିଆରି ପାମ୍ପଡ ପ୍ରସ୍ତୁତ କରିଥିଲେ। ତାକୁ ନିଜେ ସ୍ୱାଦ ପାଇଁ ବ୍ୟବହାର କରିଥିଲେ। ସ୍ୱାଦ ଭଲ ରହିବା ଓ ସହଜରେ ପ୍ରସ୍ତୁତ ହୋଇପାରୁଥିବାରୁ ଏହାକୁ ଅଧିକ ପରିମାଣରେ ତିଆରି କରିବା ପାଇଁ ଯୋଜନା କରିବା ସହ ଘର ଲୋକଙ୍କ ସହ ଆଲୋଚନା କରିଥିଲେ। ସେଇଠୁ ସେ ଅଧିକ ପରିମାଣର ମାଣ୍ଡିଆ ପାମ୍ପଡ ତିଆରି କରି ବିକ୍ରି କରିବା ଆରମ୍ଭ କରିଥିଲେ। ପ୍ରଥମେ ନିଜ ପଡୋଶୀ, ସହରର ଦୋକାନରେ ବିକ୍ରି କରିଥିଲେ। ପରେ ମିଶନ ଶକ୍ତି ପକ୍ଷରୁ ବିଭିନ୍ନ ଲୋକଉତ୍ସବରେ ସେନେଇ ପାମ୍ପଡ ବିକ୍ରି କରିଥିଲେ। ପାମ୍ପଡକୁ ଲୋକେ ପସନ୍ଦ କରିଥିଲେ। ଏପରିକି ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନେ ମଧ୍ୟ ପାମ୍ପଡ ବ୍ୟବହାର କରି ପସନ୍ଦ କରିଥିଲେ। ବର୍ତ୍ତମାନ ସେ ଘରେ ମାଣ୍ଡିଆ ପାମ୍ପଡ ପ୍ରସ୍ତୁତ କରି କଣ୍ଟାବାଞ୍ଜି, ଟିଟିଲାଗଡ଼, ଭୁବନେଶ୍ୱରକୁ ପଠାଉଥିବା କହିଛନ୍ତି। ଅଧିକ ଅର୍ଡର ଆସୁଥିବା ବେଳେ ସେ ଏକାକୀ କାମ କରୁଥିବାରୁ ଅର୍ଡର ପୂରଣ କରିବାରେ ବାଧକ ହେଉଛି। ଆର୍ଥିକ ସହାୟତା ମିଳିଲେ ସେ ଏହି ପାମ୍ପଡ ତିଆରି କାମରେ ଅଧିକ ଲୋକଙ୍କୁ ନିୟୋଜିତ କରି ନିଜ ବ୍ୟବସାୟକୁ ଆହୁରି ଆଗକୁ ବଢ଼ାଇପାରନ୍ତେ ବୋଲି କହିଛନ୍ତି। ରୋଜଗାର ଟଙ୍କାରେ ତାଙ୍କ ପରିବାର ବେଶ୍ ଆରାମରେ ଚଳୁଥିବା କହିଛନ୍ତି। ଏଥିରେ ପରିବାର ଲୋକ ମଧ୍ୟ ତାଙ୍କୁ ସହାୟତା କରୁଛନ୍ତି।





**ସ୍ୱାବଲମ୍ବନ ସହ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି ଗୀତାଞ୍ଜଳି**

## ରାଜସ୍ୱ ରେକର୍ଡରେ ବିଭ୍ରାନ୍ତି

# ବ୍ରଜରାଜନଗର ଥାନା ଅଧୀନରେ ରହିଛି ବେଲପାହାଡ଼ ପୌରାଞ୍ଚଳ

ଝାରସୁଗୁଡ଼ା, ୧।୩(ସମିସ)

କେହି କୌଣସି ଜମି କିଣାବିକା କରେ ତେବେ ତାର ଆଧାର କାର୍ଡ଼ରେ ସାମାନ୍ୟ ଭୁଲଥିଲେ ରାଜସ୍ୱ ବିଭାଗ ଜମି ରେଜିଷ୍ଟ୍ରି କରେ ନାହିଁ। କାଗଜପତ୍ରରେ ସାମାନ୍ୟ ଭୁଲ ରହିଲେ ଲୋକଙ୍କୁ ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବାରେ ତହସିଲ କାର୍ଯ୍ୟାଳୟ ବାରଣ କରେ। ଦୀର୍ଘ ୩୯ ବର୍ଷ ପରେ ମଧ୍ୟ ରାଜସ୍ୱ ବିଭାଗ ରେକର୍ଡ଼ରେ ବ୍ରଜରାଜନଗର ଥାନା ଅଧିନରେ ବେଲପାହାଡ଼ ରହିଛି। ଫଳରେ ରାଜସ୍ୱ ବିଭାଗର ସମସ୍ତ ଦଲିଲ ଓ କାଗଜପତ୍ରରେ ବେଲପାହାଡ଼ ପୌରାଞ୍ଚଳ ବ୍ରଜରାଜନଗର ଥାନା ଅଧିନରେ ରହିଥିବା ଖୋଦ ରାଜସ୍ୱ ବିଭାଗ ଦର୍ଶାଇ ଆସୁଛି। ଏପରି ଭ୍ରମାତ୍ମକ ଯୋଗୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଲପାହାଡ଼ ଅଞ୍ଚଳରେ ସ୍ୱତନ୍ତ୍ର ଥାନା ରହିଛି। ୧୯୮୨ ମସିହାରେ ମେଜର ବନ୍ଦୋବସ୍ତ ସର୍ଭେ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଗେଜେଟ ନୋଟିଫିକେସନ ୧୪୪୪ ତାରିଖ ୧ ନଭେମ୍ବର ୧୯୮୩ ମସିହାରୁ ନୂତନ ବନ୍ଦୋବସ୍ତ ଅନୁସାରେ ସମଡ଼ା ଓ ଗୁମାଡେରା, ପିପିଲିମାଲ, ଜାମକାନି ପଞ୍ଚାୟତ ସେତେବେଳେ ବ୍ରଜରାଜନଗର ଥାନା ଅଧିନରେ ଥିଲା। ସେତେବେଳୁ ରାଜସ୍ୱ ବିଭାଗ ତାର ସମସ୍ତ ରେକର୍ଡ଼ ଓ ନଥିପତ୍ରରେ ବେଲପାହାଡ଼କୁ ବ୍ରଜରାନଗର ଥାନା ଅଞ୍ଚଳରେ ଦର୍ଶାଇ ଆସୁଥିଲା।




ବେଲପାହାଡ଼ରେ ମାତ୍ର ଫାଣ୍ଡି ଥିଲା। ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତାର ନୋଟିଫିକେସନ୍ ସଂଖ୍ୟା ୬୮୭୬୯ ତାରିଖ ୮।୧୦।୧୯୮୭ରେ ବେଲପାହାଡ଼ ଫାଣ୍ଡିକୁ ଥାନାରେ ପରିଣତ କରିଥିଲେ। ୧୯୯୪ ମସିହାରେ ସମଡ଼ା, ଗୁମାଡେରା, ଜାମକାନି, କୁଦୋପାଲି ଅଂଶ, ଯୁରାବଗାକୁ ନେଇ ଏନଏସି ଗଠିତ ହୋଇଥିଲା। ପରେ ବେଲପାହାଡ଼ ପୌର ପରିଷଦ ଭାବରେ ମାନ୍ୟତା ପାଇଥିଲା। ଆଜିକୁ ମେଜର ସେଟେଲମେଣ୍ଟର ୩୮ ବର୍ଷ ବିତିଯାଇଥିଲେ ମଧ୍ୟ ବେଲପାହାଡ଼ ପୌରାଞ୍ଚଳ ଏବେ ମଧ୍ୟ ବ୍ରଜରାଜନଗରେ ଥାନା ଅଧିନରେ ରହିଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଫଳରେ ଏଠିକାର ଯୁବଗୋଷ୍ଠୀଙ୍କୁ ଚାକିରୀ ଠାରୁ ଆରମ୍ଭ କରି ବିଭିନ୍ନ କାମରେ ନାହିଁ ନ ଥିବା ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ଚାକିରୀ ପାଇଁ କୌଣସି ଅପରାଧିକ କାର୍ଯ୍ୟରେ ଲିପ୍ତ ଅଛନ୍ତି କି ନାହିଁ ସେଥିପାଇଁ ଥାନାରୁ ଏନଓସି ଆଣିବାକୁ ପଡ଼େ। ହେଲେ ବେଲପାହାଡ଼ରେ ଥାନା ଥିଲେ ହେଁ ଲୋକଙ୍କୁ ବ୍ରଜରାଜନଗର ଥାନା ଦୌଡ଼ିବାକୁ ପଡୁଛି। ଏଣୁ ଏହାର ସଂଶୋଧନ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଲଖନପୁର ତହସିଲଦାର ସଦାକର କୁମ୍ଭାରଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ଅବଗତ ନାହାନ୍ତି। ଏମିତି ଯଦି ହୋଇଛି ତେବେ ଏହାକୁ ସେ ରାଜସ୍ୱ ବିଭାଗକୁ ଜଣାଇବେ ବୋଲି କହିଛନ୍ତି। ବେଲପାହାଡ଼କୁ କେବଳ ରାଜସ୍ୱ ବିଭାଗ ନୁହେଁ ଅନ୍ୟାନ ବିଭାଗ ମଧ୍ୟ ଅବହେଳା କରି ଆସୁଛନ୍ତି। ବେଲପାହାଡ଼ ପୌରାଞ୍ଚଳର ଛୁଆଲିବେର୍ଣ୍ଣା, ଗିଧଘରା, ସୁଖାବନ୍ଧ ଅଞ୍ଚଳ ଏବେ ମଧ୍ୟ ଓରିଏଣ୍ଟ ଥାନା ଅଧିନରେ ରହିଛି। ସେହିପରି ବନ ବିଭାଗ ମଧ୍ୟ ବେଲପାହାଡ଼କୁ ଅବହେଳା କରିଆସିଛି। ବେଲପାହାଡ଼ରେ ଏକ ବନଖଣ୍ଡ ଥିଲେ ମଧ୍ୟ ବେଲପା।ହଡ଼ ସହରର ଅଧାରୁ ଅଧିକ ବ୍ରଜରାଜନଗର ବନଖଣ୍ଡ ଅଧିନରେ ରହିଛି। ବେଲପାହାଡ଼ କଲେଜ ଅଞ୍ଚଳ ଜୁନାଡ଼ିହି, ଗର୍ଗାଖାଇ, ଶନିମନ୍ଦରିଠାରୁ ମିର୍ଦ୍ଧାଡେରା, ଛୁଆଲିବେର୍ଣ୍ଣା, ଚିଙ୍ଗିରିଗୁଡ଼ା ଓ ଯୋରାବଗା ମଧ୍ୟ ବ୍ରଜରାଜନଗର ବନଖଣ୍ଡ ଅଧିନରେ ରହିଥିବାରୁ ଲୋକଙ୍କୁ ଅନେକ ଅସୁବିଧା ଭୋଗିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ସହିତ ରାଜସ୍ୱ ବିଭାଗ ପୁରୁଣା ରେକର୍ଡ଼ ସଂଶୋଧନ କରିବାକୁ ସାଧାରଣରେ ଦାବି ହୋଇଛି।

## ନବବଧୂଙ୍କୁ ଯୌତୁକ ନିର୍ଯାତନା

# ସ୍ୱାମୀ ଓ ଶାଶୂଙ୍କ ଚାପରେ ବିଷପାନ କରି ଡାକ୍ତରଖାନାରେ

**ଦେବଗଡ଼, ୧।୩(ସମିସ):** ଯୌତୁକ ପାଇଁ ଜଣେ ନବବଧୂକୁ ଶାଶୂଘର ଲୋକେ ନିର୍ଯାତନା ଦେବା ଏବଂ ସ୍ୱାମୀ ଓ ଶାଶୂ ନବବଧୂକୁ ବିଷ ପିଇ ମରିବାକୁ ବାଧ୍ୟ କରିବା ଭଳି ଘଟଣାରେ ଝିଅର ବାପା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ବିଷକ୍ରିୟାରେ ଗୁରୁତର ନବବଧୂ ବାରକୋଟ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବାରକୋଟ ଥାନା ଅନନ୍ତପିଚ୍ଛୁଳା ଗ୍ରାମର ଜଗନ୍ନାଥ ସାହୁଙ୍କ ଝିଅ ସୋନାଲୀ ଗତ ୨୦୨୩ ମାର୍ଚ୍ଚ ୧୩ ତାରିଖ ଦିନ ମଧ୍ୟପୁର ଗ୍ରାମର କେଶବ ଚନ୍ଦ୍ର ପ୍ରଧାନଙ୍କ ପୁଅ ଚନ୍ଦନ କୁମାର ପ୍ରଧାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କନ୍ୟାପକ୍ଷରୁ ଜ୍ୱାଇଁଙ୍କୁ ଉପହାର ଦେଇଥିଲେ ମଧ୍ୟ ବରପକ୍ଷ ଏଥିରେ ସନ୍ତୁଷ୍ଟ ନ ଥିଲେ। ବାପ ଘରୁ ଅଧିକ ଏକ ଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରୁଥିଲେ। କିନ୍ତୁ ସୋନାଲୀ ଏଥିରେ ରାଜି ନ ହେବାରୁ ସ୍ୱାମୀ ଚନ୍ଦନ, ଶାଶୂ କୁନି ପ୍ରଧାନ, ଦେଢ଼ଶୁର ମୋତିଲାଲ ପ୍ରଧାନ, ବଡ଼ ଯା' ସିଲା ପ୍ରଧାନ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ପାଲଲହଡ଼ା ଥାନା ଫଂଫଣ୍ଡରେ ରହୁଥିବା ନଣନ୍ଦେଇ କବିତା ଓ ଭିଣୋଇ ନବୀନ ମଧ୍ୟପୁର ଘରକୁ ଆସିଲେ ଝିଅକୁ ଘର ଛାଡ଼ି ଚାଲିଯିବାକୁ କହୁଥିବା ସୋନାଲୀଙ୍କ ବାପା ଜଗନ୍ନାଥ ଏତଲାରେ ଉଲ୍ଲେଖ କରିଛନ୍ତି। ତେବେ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ନିଜ ବାପଘରକୁ ଚାଲି ଆସିଥିବାରୁ ତାଙ୍କ ମାମୁଁ ଗତକାଲି ମଧ୍ୟପୁରସ୍ଥିତ ଶାଶୂଘରେ ତାଙ୍କୁ ଛାଡିଥିଲେ। କିଛି ସମୟ ପରେ ଝିଅ ଅସୁସ୍ଥ ହୋଇ ଘର ବାହାରେ କାନ୍ଦୁଥିବା ଖବର ପାଇ ସୋନାଲୀଙ୍କ ପରିବାର ସେଠାରେ ପହଞ୍ଚିଥିଲେ। ହେଲେ ଝିଅର ଅବସ୍ଥା ଗୁରୁତର ଥିବା ଦେଖି ବାରକୋଟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଷକ୍ରିୟା ଯୋଗୁଁ ସୋନାଲୀ ଗୁରୁତର ଥିବା ପ୍ରକାଶ କରିଥିଲେ। ପରେ ସାମାନ୍ୟ ସୁସ୍ଥ ହେବାପରେ ତାଙ୍କଠାରୁ ଘଟଣା ସମ୍ପର୍କରେ ପରିବାର ଲୋକ ସବୁ ଜାଣିବା ପରେ ଜଗନ୍ନାଥ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବାସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଭାଙ୍ଗି ଚୋରି

ଝାରସୁଗୁଡ଼ା, ୧।୩(ସମିସ): ଝାରସୁଗୁଡ଼ା ସଦର ବ୍ଲକ ଶ୍ରୀପୁରା ପଞ୍ଚାୟତ କାର୍ଯ୍ୟାଳୟରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ବଡ଼ମାଲ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ୨୯ ତାରିଖ ରାତିରେ ଶ୍ରୀପୁରା ପଞ୍ଚାୟତରେ ଦୁର୍ବୃତ୍ତମାନେ ସରପଞ୍ଚଙ୍କ ପ୍ରକୋଷ୍ଠର ତାଲା ଭାଙ୍ଗି ସେଠାରୁ ଏକ ଏଲଇଡି ଟିଭି, ଏସି ଆଉଟର ଓ ଅନ୍ୟାନ ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ତରଣିସେନ ପ୍ରଧାନଙ୍କ ଲିଖିତ ଅଭିଯୋଗ ଅନୁସାରେ ବଡ଼ମାଲ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅଜଣା ମହିଳାଙ୍କ ମୃତଦେହ ଠାବ

ଦେବଗଡ଼, ୧।୩(ସମିସ): ରିଆମାଳ ଥାନା ତାଳକୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ମଧ୍ୟପୁର ଖେଳପଡ଼ିଆ ନିକଟରେ ଜଣେ ଅଜଣା ମହିଳାଙ୍କ ମୃତଦେହ ଠାବ ହୋଇଛି। ଘଟଣାସ୍ଥଳରେ ରିଆମାଳ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହର କିଛି ଅଂଶ ବାହାରକୁ ବାହାରି ଆସିଥିବାବେଳେ ବୁଲା କୁକୁରମାନେ ଶବକୁ ଟାଣୁଥିବା ଏବଂ ପାଖରେ ଭଙ୍ଗା ଚୁଡ଼ି ପଡ଼ିଥିବା ଦେଖି କୌଣସି ବିବାହିତ ମହିଳାଙ୍କ ମୃତଦେହ ବୋଲି ସନ୍ଦେହ କରାଯାଉଛି। ଏନେଇ ସ୍ଥାନୀୟ ସରପଞ୍ଚ ଏମର୍ଶନ ହେମ୍ବ୍ରମ ରିଆମାଳ ଥାନା ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ଆଇଆଇସି ସତ୍ୟବ୍ରତ ସାହୁ ସଦଳେବଳେ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବାବେଳେ ଆସନ୍ତାକାଲି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଅଧିକ ତଦନ୍ତ କରାଯିବା ବୋଲି ସୂଚନା ମିଳିଛି।

## ■ କୁକୁଡ଼ା ମାଂସ ପାଇଁ କଳି

# ଦେଢଶୁରର ପାହାରରେ ଭାଇବୋହୂର ହାତ ଭାଙ୍ଗିଲା

**ଦେବଗଡ଼, ୧।୩(ସମିସ):** କୁକୁଡ଼ା ମାଂସ ଭାଗ ମାଗିବାରୁ ଦେଢ଼ଶୁରର ପାହାର ମାଡ଼ରେ ଭାଇବୋହୂର ହାତ ଭାଙ୍ଗିଥିବା ନେଇ ବାରକୋଟ ଥାନାରେ ଅଭିଯୋଗ ହୋଇଛି। ଟାଇଁଶିରା ଗ୍ରାମର ରାଇଟର ଗୋଛାୟତଙ୍କ ସ୍ତ୍ରୀ ବାଇଝାଲି ଗୋଛାୟତ ଗତ ୨୪ ତାରିଖରେ ନିଜ ଦେଢ଼ଶୁର କମ୍ପାନୀ ଗୋଛାୟତଙ୍କ ସହ ଏକ କୁକୁଡ଼ା କିଣି ଆଣି ଘରେ ରଖିଥିଲେ। ତେବେ କମ୍ପାନୀ ନିଜ ପରିବାର ସହ ମିଶି ଉକ୍ତ କୁକୁଡ଼ାକୁ ରାନ୍ଧିଥିବା ଜାଣି ବାଇଝାଲିଙ୍କ ସ୍ୱାମୀ ରାଇଟର ତାଙ୍କ ବଡ଼ଭାଇ କମ୍ପାନୀକୁ କୁକୁଡ଼ା ମାଂସ ଭାଗ ମାଗିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ କମ୍ପାନୀ ଓ ସିପୁନ ରାଇଟରଙ୍କ ସହ ହାତାହାତି ହୋଇଥିଲେ। ଏହା ଦେଖି ବାଇଝାଲି ସ୍ୱାମୀଙ୍କୁ ଆକ୍ରମଣରୁ ରକ୍ଷା କରିବାକୁ ଆସି ଦେଢ଼ଶୁରଙ୍କ ଆକ୍ରମଣରେ ବାଇଝାଲିଙ୍କ ବାମ ହାତ ଭାଙ୍ଗି ଯାଇଛି। ପାଲଲହଡ଼ା ଓ ପରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଶୁକ୍ରବାର ସେ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଛି।

## ଓପିଜିସିରୁ ଲୁହା ସ୍କ୍ରାପ୍ ଚୋରି, ୪ ଗିରଫ



**ଝାରସୁଗୁଡ଼ା, ୧।୩(ସମିସ):** ଇବ ଥର୍ମାଲ ବନହରପାଲିସ୍ଥିତ ଓପିଜିସି କାରଖାନା ଭିତରୁ ଲୁହା ସ୍କ୍ରାପ୍ ଚୋରି କରିବା ଅଭିଯୋଗରେ ବନହରପାଲି ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପମ୍ପହାଉସ ପଡ଼ାରେ ରହୁଥିବା ବିଜୟ ମାଝୀ (୨୬) ଓ ଭୋଲା ସିଂହ(୩୪), ପଣ୍ଡରୀ ଗ୍ରାମର ଯୋଗେନ୍ଦ୍ର କୁମାର ନାଏକ (୪୭) ଓ ଛଡାରମା ଗ୍ରାମର ମନୋଜ କୁମୁରା(୨୬)। ସୂଚନା ମୁତାବକ ବନହରପାଲି ତାପଜ ବିଦ୍ୟୁତ କେନ୍ଦ୍ରରେ କାମ କରୁଥିବା ସିନୁ ଠିକା ସଂସ୍ଥାରେ ସେମାନେ ସମସ୍ତେ ଠିକା ଶ୍ରମିକ ଭାବରେ କାମ କରନ୍ତି। ଭିତରୁ ଲୁହା ସ୍କ୍ରାପ୍ ଚୋରି କରି ନେଉଥିବା ସମୟରେ ଓପଜିସି ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଥିଲେ। ଏନେଇ ସୁରକ୍ଷା ଅଧିକାରୀ ଦିବ୍ୟାଂଶୁ ମହାପାତ୍ର ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଚୋରି ଲୁହା ସ୍କ୍ରାପ୍ ସମେତ ଓଡି୨୩କେ-୮୫୨୨, ଓଡି୨୩ଇ-୪୦୫୯ ଦୁଇଟି ବାଇକ ଜବତ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରଞ୍ଜିତ ନାଏକ ପ୍ରକାଶ କରିଛନ୍ତି।

## ହୋଟେଲ ମେ'ଫେୟାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

**ଝାରସୁଗୁଡ଼ା, ୧।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଝାରସୁଗୁଡ଼ାଠାରେ ମେ' ଫେୟାର ହୋଟେଲ ଓ ରିସର୍ଟ ଉଦଘାଟନ କରିବା ସହ ଏପ୍ସିଲନ କାର୍ବନ ଅଶୋକା ପ୍ରାଇଭେଟ ଲିମିଟେଡ଼ ଓ ସେଞ୍ଚୁରି ଏକ୍ସଟ୍ରସନ ଲିମିଟେଡର ଶିଳାନ୍ୟାସ କରିଛନ୍ତି। ହୋଟେଲ ମେ' ଫେୟାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ଓ ହୋଟେଲ ମେ ଫେୟାର ନିର୍ଦ୍ଦେଶକ ରବି ମହାପାତ୍ର ଉପସ୍ଥିତ ଥିଲେ। ମେ' ଫେୟାର ହୋଟେଲ ପାଇଁ ୪୯.୫୦କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ୧୧୦ଜଣ ନିଯୁକ୍ତି ପାଇଛନ୍ତି। ଏପ୍ସିଲନ କାର୍ବନରେ ୯୦୦କୋଟି ଟଙ୍କା ବିନିଯୋଗ ହେବା ସହ ଏଥିରେ ୬୦୦ ଜଣ ନିଯୁକ୍ତି ପାଇବେ। ସେଞ୍ଚୁରି ଏକ୍ସଟ୍ରସନରେ ୧୬୦କୋଟି ବିନିଯୋଗ କରାଯିବା ସହ ୧୦୦୦ଜଣ ନିଯୁକ୍ତି ପାଇବେ।



## ଆଇକନିକ୍ ହକି ପ୍ରତିଯୋଗିତା

# ଝାରସୁଗୁଡାକୁ ୩-୧ରେ ହରାଇଲା ରାଉରକେଲା ଷ୍ଟିଲପ୍ଲାଣ୍ଟ

**ଝାରସୁଗୁଡ଼ା, ୧।୩(ସମିସ):** ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଆଇକନିକ ହକି ପ୍ରତିଯୋଗିତାର ଶୁକ୍ରବାର ୨ୟ ସେମି ଫାଇନାଲ ମ୍ୟାଚ ଝାରସୁଗୁଡା( ଡିଟିଏସ୍‌ଏ) ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ଅନୁଷ୍ଠିତ ଖେଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଖେଳର ପ୍ରଥମ ଭାଗର ୧୨ ମିନିଟରେ ରାଉଲକେଲା ଷ୍ଟିଲ ପ୍ଲାଣ୍ଟ ପ୍ରଥମ ଗୋଲ ଦେଇ ଅଗ୍ରଣୀ ଥିଲା। ପୁନଶ୍ଚ ୨୦ ମିନିଟରେ ୨ୟ ଗୋଲ ଦେଇଥିଲା। ଝାରସୁଗୁଡା ଦଳ ୨୮ ମିନିଟରେ ଗୋଲ ଦେଇ ୨-୧ ସ୍ତରକୁ ମ୍ୟାଚ ଆଣିଥିଲା। ୨ୟ ଭାଗରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୩ୟ ଗୋଲ ଦେଇଥିଲା। ଶେଷରେ ୩-୧ ଗୋଲରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ବିଜୟୀ ହୋଇଛି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଝାରସୁଗୁଡ଼ା ଜିଲ୍ଲାରେ ଆଷ୍ଟ୍ରେଟର୍ଫ ହକି ପଡ଼ିଆର ଅଭାବ




ରହିଛି। ଯାହାକି ଆଷ୍ଟ୍ରେଟର୍ଫ ହକି ପଡ଼ିଆରେ ଜିଲ୍ଲାର ଖେଳାଳି ମାନଙ୍କର ଅଭିଜ୍ଞତା ନ ଥିବାରୁ ଖେଳିବାକୁ କଷ୍ଟ ହେଉଛି। ଝାରସୁଗୁଡା ଜିଲ୍ଲରେ ବଡ଼ ବଡ଼ ଶିଳ୍ପ ସଂସ୍ଥା ରହିଥିଲେ ମଧ୍ୟ ଆଷ୍ଟ୍ରେଟର୍ଫ ହକି ପଡ଼ିଆ ନ ହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ପୁରୁଖା ଖେଳାଳିମାନେ ମତବ୍ୟକ୍ତ କରିଛନ୍ତି।

## ରୋଗ ଓ ପୋକ ଚିନ୍ତାରେ ଚାଷୀ



**କୋଲାବିରା, ୧।୩(ସମିସ):** କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ପଞ୍ଚାୟତର ବେଲମୁଣ୍ଡା, ସମାସିଂହା ଅଞ୍ଚଳରେ ରବି ଧାନ ଫସଲ ଗଛର ପତ୍ର ସବୁ ହଳଦିଆ ହୋଇ ପୋଡି ଯାଉଥିବା ସହ ଗଣ୍ଡି ପୋକ ନିୟନ୍ତ୍ରଣ ହେଉନାହିଁ। କୀଟନାଶକ ପ୍ରୟୋଗ କଲେ ମଧ୍ୟ କାମ ଦେଉନାହିଁ।

**ପତ୍ରପୋଡା ଓ ଗଣ୍ଡି ପୋକ ନିୟନ୍ତ୍ରଣ ବାହାରେ**

ସେଥିପାଇଁ ଚାଷୀମାନେ ଚିନ୍ତାରେ ଅଛନ୍ତି। ଧାନ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି, ସାର, କୀଟନାଶକ, ପହ୍ଲାରୁଆ ଓ ଆନୁସାଙ୍ଗିକ କାର୍ଯ୍ୟ ପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି। ଧାନର ରୋଗ ପୋକ ନିୟନ୍ତ୍ରଣ ହେଉନଥିବାରୁ ଆର୍ଥିକ, ମାନସିକ ଚିନ୍ତାର ଶିକାର ହେଉଛନ୍ତି ଚାଷୀବୃନ୍ଦ। ଗଣ୍ଡି ପୋକ ରୋଗରେ ଧାନଗଛ ଗୁଡିକ ପୋଡି ନଷ୍ଟ ହୋଇ ଯାଉଛି। ଏହି ରୋଗରେ ଧାନଗଛର ମୂଳ କାଣ୍ଡ ସରୁ ଓ ଧଳା ହୋଇ ଉପରକୁ ବାହାରି ଆସୁଛି। ଫଳରେ ଚାଷୀ କ୍ଷତିରେ ପଡ଼ିବା ଆଶଙ୍କା ପ୍ରକାଶ ପାଉଛି। ଚାଷୀ ଏଭଳି ଗୁରୁତର ସମସ୍ୟାରେ ଘାରି ହେଉଥିବା ବେଳେ କୃଷି ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆ ଯାଉ ନ ଥିବା ଅଭିଯୋଗ ହେଉଛି। ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ଭିଏଲଡବ୍ଲ୍ୟୁ ନିୟୋଜିତ ହୋଇଥିଲେ ସୁଦ୍ଧା ଚାଷୀମାନେ ଆବଶ୍ୟକ ପରାମର୍ଶ ପାଇବାରୁ ବଞ୍ଚିତ ହେଉଛନ୍ତି। ଫସଲରୁ ରୋଗପୋକ ଦମନ କରା ନ ଗଲେ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯିବା ଆଶଙ୍କା ରହିଛି। ଘଟଣାକୁ କୃଷି ଅଧିକାରୀମାନେ ସମୀକ୍ଷା କରି କ୍ଷୟକ୍ଷତି ଆକଳନ କରି ସହାୟତା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଡ. ସୁବାସ ପ୍ରଧାନ ହେଲେ ସଙ୍ଗୀତ ନାଟକ ଏକାଡେମୀ ପରିଷଦ ସଦସ୍ୟ

**ଝାରସୁଗୁଡ଼ା, ୧।୩(ସମିସ):** ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନୂତନ ସାଧାରଣ ପରିଷଦର ପୁନଃର୍ଗଠନ କରାଯାଇଛି। ପ୍ରଥମ କରି ଝାରସୁଗୁଡ଼ା ଜିଲ୍ଲାକୁ ଏହି ସାଧାରଣ ପରିଷଦରେ ସ୍ଥାନ ଦିଆଯାଇଛି। ଜିଲ୍ଲାର ପ୍ରଥମ ପରିଷଦ ସଦସ୍ୟ ଭାବରେ ନାଟ୍ୟକାର ଡ଼. ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ମନୋନୀତ କରାଯାଇଛି। ଡ଼. ପ୍ରଧାନ ବିଗତ ୩୧ ବର୍ଷ ଧରି ବେଲପାହାଡ଼ରେ ମିରର୍ ଥିଏଟର ଗଠନ କରି ନାଟକ ପରିବେଷଣ କରି ଆସୁଛନ୍ତି। ୨୦୨୩ ଡ଼ିସେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ୪୯ ଘଣ୍ଟାରୁ ଅଧିକ ସମୟ ଧରି ୨୧୭ ଜଣ କଳାକାରଙ୍କ ଅନବରତ ନାଟକ କରି ବିଶ୍ୱରେକର୍ଡ଼ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଏଥିପାଇଁ ତାଙ୍କୁ କିଛି ଦିନ ପୂର୍ବରୁ ଦିଲ୍ଲୀରେ ୱାସିଙ୍ଗଟନ ୟୁନିଭରସିଟି ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ପ୍ରଦାନ କରାଯାଇଛି।



## ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳିତ

**ଝାରସୁଗୁଡ଼ା, ୧।୩(ସମିସ):** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲା ବେଳେ ଅତିରିକ୍ତ ଉପ ଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା, ଜିଲ୍ଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ଦିବ୍ୟାଙ୍ଗ ସଂଘ ସଭାପତି ଡ.ପ୍ରକାଶ ଚନ୍ଦ୍ର ରଣା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଜିଲ୍ଲା ଦିବ୍ୟାଙ୍ଗ ବିଦ୍ୟାଳୟର ସଭାପତି ବିବେକାନନ୍ଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବୃନ୍ଦାମାଳ ଦିବ୍ୟାଙ୍ଗ ବିଦ୍ୟାଳୟ, ଆଶା କିରଣ ଦିବ୍ୟାଙ୍ଗ ବିଦ୍ୟାଳୟ ଏବଂ ଆକାଶ କୀର୍ତ୍ତନ ଗ୍ରୁପ ତଥା ଅକ୍ଷୟ ଅର୍କେଷ୍ଟ୍ରା ପାର୍ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ରାମ୍ପ ସୋ ଆୟୋଜିତ ହୋଇଥିଲା। ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ମାନଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ବାରକୋଟ ବ୍ଲକରେ ଖୋଲିଲା ଦ୍ୱିତୀୟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର

# ଆଉ ଦୁଇଟି ଦୁଗ୍ଧ ସଂଗ୍ରହ କେନ୍ଦ୍ର ସ୍ଥାପନ ହେବ: ଜିଲ୍ଲାପାଳ

ଦେବଗଡ଼, ୧।୩(ସମିସ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓମଫେଡ ପକ୍ଷରୁ ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଜରିଆରେ ଶୁକ୍ରବାର ବାରକୋଟ ବ୍ଲକ କଲାଠାରେ ଦୁଗ୍ଧଚାଷୀଙ୍କ ଠାରୁ ଦୁଗ୍ଧ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବାରକୋଟ ଶନିମନ୍ଦିର ନିକଟରେ ନବ ନିର୍ମିତ ଦୁଗ୍ଧ ସଂଗ୍ରହ କୋଠାରେ ୨ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ ଯନ୍ତ୍ର ସ୍ଥାପନ କରାଯାଇଥିବା ବେଳେ ଏହାକୁ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓମଫେଡ୍ ସାଧାରଣ ପରିଚାଳକ ଡା. ସରୋଜ କୁମାର ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ସତ୍ୟରଞ୍ଜନ ରାଉତ, ଓମଫେଡ୍ ସହକାରୀ ପରିଚାଳକ ଡା. ସଞ୍ଜୀବ କୁମାର ଶତପଥି, ସାମୁଲ ସଭାପତି ବିଦ୍ୟାଧର ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ କଲା ସରପଞ୍ଚ ସତ୍ୟନାରାୟଣ ପାଣି ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ଦୁଗ୍ଧଚାଷୀଙ୍କୁ ଉଦବୋଧନ ଦେବାସହ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାରେ ସରକାରଙ୍କ ଏହି ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ପଞ୍ଜିକୃତ ଦୁଗ୍ଧଚାଷୀଙ୍କୁ ଓମଫେଡ୍ ପକ୍ଷରୁ ଗୋ-ଖାଦ୍ୟ ସହ ଔଷଧ ଓ ଆଧୁନିକ ଜ୍ଞାନକୌଶଳ ଯୋଗାଇ ଦିଆଯିବା ନେଇ ସୂଚନା ଦେଇଥିଲେ। ସେହିପରି ଆଗାମୀ କିଛି ମାସ ମଧ୍ୟରେ ଆଉ ୨ ଗୋଟି ଦୁଗ୍ଧ ସଂଗ୍ରହ କେନ୍ଦ୍ର ସ୍ଥାପନା କରାଯାଇ ଚାଷୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପ୍ରକାଶ କରିଛନ୍ତି। ସେହିପରି ଓଏମସି ପକ୍ଷରୁ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଦେବଗଡ଼ ଜିଲ୍ଲାରେ ଡାଏରୀ ଡେଭଲପମେଣ୍ଟ ପାଇଁ ପ୍ରାୟ ୨ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିବାରୁ ଗ୍ରାମାଞ୍ଚଳର ଦୁଗ୍ଧଚାଷୀଙ୍କ ଆୟ ଦ୍ୱିଗୁଣିତ ପାଇଁ ଏହା ସହାୟକ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପ୍ରକାଶ କରିଛନ୍ତି। ଦୁଗ୍ଧଚାଷୀଙ୍କ ପାଇଁ ଉଦ୍‌ଘାଟିତ ଏହି ଶୀତଳୀକରଣ ଓ ସଂଗ୍ରହ କେନ୍ଦ୍ର ଉଦଘାଟନ ଦିବସରେ କଲା, ଲଣ୍ଡିଝରି, ଗୋଲାବନ୍ଧ, ଠିଆନାଲ, ଗୁରସଙ୍ଗ ଓ ଗୋପାଳପାଲି ଦୁଗ୍ଧ ସେବା ସମବାୟରେ ପଞ୍ଜିକୃତ ଚାଷୀ ଉତ୍ପାଦିତ କ୍ଷୀର ପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳରେ ଦୁଗ୍ଧ ଚାଷୀମାନଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନଙ୍କୁ ସାଧୁବାଦ ଜଣାଇଛନ୍ତି।



# ଜାଗା ମିଶନ ହିତାଧିକାରୀଙ୍କ ଉତ୍ସାହ; କୃତଜ୍ଞତା ଜଣାଇଲେ

**ବୁର୍ଲା, ୧।୩(ସମିସ):** ବୁର୍ଲା ଏକତା ମଞ୍ଚ ଓ ବୁର୍ଲା ଜନସାଧାରଣଙ୍କ ପକ୍ଷରୁ ଜାଗା ମିଶନ ଅଧୀନରେ ଜମି ଅଧିକାର ପ୍ରମାଣ ପତ୍ର ପାଇଥିବା ହିତାଧିକାରୀମାନେ ଉତ୍ସବ ମନାଇଛନ୍ତି। ବୁର୍ଲାର ପ୍ରାୟ ୫୦୦୦ ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସମ୍ବଲପୁର ଜିଲ୍ଲା ସଭାପତି ରୋହିତ ପୂଜାରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ ଜଣାଇଥିଲେ। ବିଜେଡି ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ର ଙ୍କ ନେତୃତ୍ୱରେ ବିଜେଡି ଦଳର ବରିଷ୍ଠ ନେତା ମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ନାୟକ, ଜିତୁ ପ୍ରଧାନ, ନବ ରାଉତ, ଦିଜ ରାଉତ, ଡି କ୍ରିଷ୍ଣା ରାଓ, ଅଶୋକ ସୁନା, ଗୋକୁଳି ରାଉତ, ଚୌଧୁରୀ ପ୍ରଧାନ, କିଶୋର ଦେବତା, ଦୀପ୍ତି ମଲିକ, ଗୌତମ ବେହେରା, ଶ୍ୟାମ ନାଏକ, ରୁବେନ ଛାତ୍ରିଆ, ଗିରିଶ ରାଉତ, ଶାନ୍ତନୁ ଭୋଇ, ପିଣ୍ଟୁ ରାଓ, ଅନିତା ନାଏକ, ଶାନ୍ତି ଲତା କର, ଲଳିତା କୁମାରୀ, ରୁନୁ ନାଏକ, ରୁକ୍ମଣୀ ଗଣ୍ଡ, ସୁନିତା ସୁନା, ମଲ୍ଲୀ ବାଗ, ଚନ୍ଦ୍ରକାନ୍ତି ବାଗ, ରଶ୍ମିତା ନାଏକ, ଅର୍ପିତା ଭଦ୍ର ପ୍ରଭୃତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବୁର୍ଲାର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ସଙ୍ଘ, ସାଧାରଣ ଜନତା ଭାଗ ନେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀଙ୍କୁ ପେଟ୍ରୋଲ ପମ୍ପ ଛକରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଏନ୍‌ଏସି ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନେଇଥିଲେ।





ୱାର୍ଡ-୩୩ରେ ବିଜେଡି ବୈଠକ

# ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ସହମତି





**ସମ୍ବଲପୁର, ୧।୩ (ସମିସ)**

ସମ୍ବଲପୁର ମହାନଗର ଅନ୍ତର୍ଗତ ୱାର୍ଡ ନମ୍ବର ୩୩ରେ ପୂର୍ବତନ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଇଂ.ସିଦ୍ଧାର୍ଥ ଦାସଙ୍କ ସ୍ଥାନୀୟ ବାସିନ୍ଦା ଏବଂ ମହିଳା ଏସଏଚଜି ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଓ ବିଚାରବିମର୍ଶ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶାର ସର୍ବପ୍ରିୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଷଷ୍ଠ ଥର ପାଇଁ ଐତିହାସିକ ଭାବେ ବିଜେଡି ସରକାରର ପ୍ରତିଷ୍ଠା ପାଇଁ ସଂକଳ୍ପ ନିଆଯାଇଥିଲା, ସମ୍ବଲପୁର ମହାନଗରର ବସ୍ତିବାସିନ୍ଦା ମାନଙ୍କୁ ଭୂମି ପ୍ରମାଣ ପତ୍ର ପ୍ରଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଥିଲା, ୱାର୍ଡରେ ପିଇବା ପାଣି, ଷ୍ଟ୍ରିଟ ଲାଇଟ, ନାଳ ନିର୍ମାଣ ସହ ବାକି ରହିଥିବା ବସ୍ତି ବାସିନ୍ଦା ଙ୍କୁ ଭୂମି ଅଧିକାର ସାର୍ଟିଫିକେଟ ପ୍ରଦାନ ନିମନ୍ତେ ପଦକ୍ଷେପ ନେବାକୁ ନିଷ୍ପତି ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ସମ୍ବଲପୁର ମହାନଗର ବସ୍ତିବାସିନ୍ଦା ମହାସଂଘର ସଭାପତି ଇଂ.ସିଦ୍ଧାର୍ଥ ଦାସ ଙ୍କ ସହ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦିଲୀପ ଦାଶ, ଲିଙ୍ଗରାଜ ତ୍ରିପାଠୀ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଇଂ.ଦୀନେଶ ସେଠ, ହାଜି ମୁନୀର ବେଗ, ନାସୀର ଫରାଜ, ଶେଖ ଅରିଫ, ନରେଶ ଭରଦ୍ୱାଜ, ଗୋପାଲ ମିଶ୍ର, ଏମଡି ଆଖାର, ଶେଖ ବିଟ୍ଟୁ, ଏମଡି ଅର୍ଶଦ, ଏମଡି ମୀରାଜ, ମହିଳା ନେତ୍ରୀ ମେଇମୁନ ଜୁବିନ, ତାହିରା ବାନୋ, ଅଞ୍ଜଳି ବେହେରା, ନିତିନ କୁମ୍ଭାର, ବୁଇ ବେହେରା, ଖୁଶବୂ ନିଶା, ମକସୁଦା ବାନୋଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ଫାଇନାଲ୍ ଟଚ୍' ଉଦ୍‌ଘାଟିତ

**ସମ୍ବଲପୁର, ୧।୩(ସମିସ):** ସ୍ଥାନୀୟ ଗୌରୀଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀର ରିଜିଓନାଲ ଆର୍ଟ ଗ୍ୟାଲେରୀରେ ବରଗଡ଼ କଳା କଳ୍ପନା ପକ୍ଷରୁ 'ଫାଇନାଲ ଟଚ୍' ଚିତ୍ରକଳା ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ର. ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଶୋକ ଦାଶ ପରିଚୟ ପ୍ରଦାନ ଓ ରମାକାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ବିଦ୍ୟାପତି ଏହାକୁ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଚାଲିବ। ଏହା ଦିନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ଖୋଲାରହିବ। ଏଥିରେ ଚିତ୍ରଶିଳ୍ପୀ ଅଶୋକ ଦାଶ, ଶୀତଲ କୁମାର ମହାପାତ୍ର, ସଞ୍ଜୟ ସାହୁ, ପ୍ରେମଚାନ୍ଦ ରାଉତ, ସୁଧାଂଶୁ ନାଏକ, ବିଦ୍ୟାପତି ପଧାନ, କୁଶ ଭୂୟାଁ, କେବଲ ତିର୍କି, ଦୀପକ ବିଶ୍ୱାଳ, ଅଶୋକ ପଟ୍ଟନାୟକ, ନରେଶ ନାୟକ, ସଚ୍ଚିଦ୍ରଅ ବେହେରା, ରମାକାନ୍ତ ତ୍ରିପାଠୀ, ପବିତ୍ର ମୋହନ ଶତପଥୀ ଓ ଡ. ଦୀନବନ୍ଧୁ ସାହୁଙ୍କ ପେଣ୍ଟିଂ ସ୍ଥାନ ପାଇଛି।



# 'ମୋ ସଂସ୍କୃତି ମୋ ଖେଳଣା' କର୍ମଶାଳା

**ସମ୍ବଲପୁର, ୧।୩(ସମିସ):** କାଇଶିର କ୍ଲଷ୍ଟର ନିର୍ଗୁଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆଜି ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜେନ୍ଦ୍ର ଓରାମ ଏବଂ ସମ୍ମାନିତ ଅତିଥି ଭାବରେ ଶେଷଦେବ ଗୁରୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବବ୍ରୁବାହନ ଭୋଇ, ସିଆର୍‌ସିସି ପ୍ରୀତିରାଣୀ ବଡ଼େଇ, ଆର୍‌ପି କାମିନୀ ମୁଣ୍ଡା ଉପସ୍ଥିତ ରହି ମୋ ସଂସ୍କୃତି ମୋ ଖେଳନା ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି କର୍ମଶାଳାରେ ସାତଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନେ ବିଭିନ୍ନ ଖେଳନା ଉପରେ ପ୍ରକଳ୍ପ ତିଆରି କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଙ୍କ ଅଭିଭାଷଣରେ ପ୍ରକାଶ କରିଛନ୍ତି ସୁଜନଶୀଳତା ଏବଂ ଅଭିଜ୍ଞତାର ସୁଯୋଗ ପ୍ରକଳ୍ପର ମାପକାଠି, ଏହି ମାପକାଠି ଦ୍ୱାରା ଅଭ୍ୟାସ ଓ ପ୍ରୟୋଗର ସୁଯୋଗ ପାଇଲେ କଳା, ସଂସ୍କୃତିକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରହିଥାଏ। ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦକ୍ଷତା ପର୍ଯ୍ୟାପ୍ତ ପରିମାଣରେ ସଂଗଠିତ ହେଲେ ଶିଶୁର ଗୁଣାତ୍ମକ ଶିକ୍ଷାର ବିକାଶ କଳାସଂସ୍କୃତି ସହିତ ସଂଶ୍ଳିଷ୍ଟ ହୋଇ ଆଗକୁ ବଢେ। ଆମ ସଂସ୍କୃତି ଆମ ଖେଳନା ଏକ ମାଧ୍ୟମ ପୁରାତନ ପରମ୍ପରାରେ ଜିନିଷ ସହ ନୂତନତ୍ୱ ସାମାଜିକ ବ୍ୟବସ୍ଥା ସହ ସଂସ୍କୃତି ର ବିକାଶ ଘଟିଥାଏ। ଏହି କାର୍ଯ୍ୟକ୍ରମ କୁ ସଫଳତାର ସହ ବିଷ୍ଣୁପ୍ରିୟା ରଥ, ସିତାରାଣୀ ବେହେରା, କାମିନୀ ମୁଣ୍ଡା, ସୁଲଚନା ମିଶ୍ର, ତନ୍ମୟା ମାଝୀ, ସୁଲଚନା ମିଶ୍ର, ତାପସ୍ୱିନୀ ବାରିକ, ନିରୂପମା ଦେହୁରୀ, ଶାନ୍ତିଲତା ବେହେରା, ସୁଜାତା ବେହେରା, ଶୁଭାଶିନୀ ଚୌଧୁରୀ ଓ ମମତା ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



# ମରାମତି କର ନ ହେଲେ ନୂଆ ଟିଭି ଦିଅ: ଖାଉଟି ସପକ୍ଷରେ ରାୟ

**ସମ୍ବଲପୁର, ୧।୩ (ସମିସ):** ସମ୍ବଲପୁର ଜିଲ୍ଲା ଖାଉଟି ବିବାଦ ମୀମାଂସା କମିଶନ ନାକଟିଦେଉଳ ବ୍ଲକର ମିଳିନ ପ୍ରଧାନଙ୍କ ମାମଲାରେ ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଟିଭି କମ୍ପାନୀକୁ ମରାମତି କର ନ ହେଲେ ନୂତନ ଟିଭି ଦିଅ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ୧୦ ହଜାର ଟଙ୍କା କ୍ଷତିପୂରଣ ଓ ୫ ହଜାର ଟଙ୍କା ମାମଲା ପରିଚାଳନା ବାବଦକୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟଯେ, ଅଭିଯୋଗ କାରି ମିଳନ ୨୦୨୨ ମସିହା ସେପ୍ଟମ୍ବର ୨୯ ତାରିଖ ଏକ ମୋଟ୍ରୋଲୋ କମ୍ପାନୀର ଏଲଇଡି ଟିଭି କିଣିଥିଲେ। ହେଲେ ଟିଭି ଖରାପ ହୋଇଯାଇଥିଲା। ୱରେଣ୍ଟି ସମୟ ଭିତରେ ଖରାପ ହେବାରୁ ମରାମତି କରିବାକୁ ନେଇଥିଲେ। ହେଲେ ମରାମତି ପାଇଁ ଟଙ୍କା ଲାଗିବ ବୋଲି କହିଥିଲେ। ଅନ୍ୟପଟେ ଟିଭି ଘରେ ଇନଷ୍ଟଲ କରିବା ବେଳେ ମଧ୍ୟ ଟଙ୍କା ନେଇଥିଲେ। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କମ୍ପାନୀ, ଡିଲର କେହି ଶୁଣିନଥିଲେ। ଶେଷରେ ସେ କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାହକଙ୍କ ପକ୍ଷରୁ ମାମଲାକୁ ଓକିଲ ଅରବିନ୍ଦ ଦାସ ଓ ସହଯୋଗୀ ପରିଚାଳନା କରିଥିଲେ।

## କାର୍‌ରୁ ଟଙ୍କା ବ୍ୟାଗ୍ ଲୁଟ୍

**ସମ୍ବଲପୁର, ୧।୩(ସମିସ):** ସମ୍ବଲପୁର ସହରରେ ଦିନଦ୍ୱିପ୍ରହରରେ ପୁଣି ଲୁଟ୍ ହୋଇଛି। ଆଇଁଠାପାଲି ଥାନା ତଲି ଛକରେ ଏକ କାର୍‌ରୁ ଟଙ୍କା ଲୁଟ୍ ହୋଇଛି। ଜନୈକ ବ୍ୟବସାୟୀ ସକାଳୁ ସମ୍ବଲପୁର କୁଚିଣ୍ଡା ଅଞ୍ଚଳରୁ ବ୍ୟବସାୟ ଟଙ୍କା ସଂଗ୍ରହ କରିବାକୁ ଯାଇଥିଲେ। ଫେରୁଥିବା ବେଳେ ତଲି ଛକରେ ଜଣେ ଦୁର୍ବୃତ୍ତ ତାଙ୍କ କାର୍‌ରୁ ମୋବିଲ୍ ଲିକ୍ ହେଉଥିବା କହିଥିଲେ। କିଛି ଦୂର ଯିବା ପରେ ଅଟକି ବାହାରକୁ ଆସି ପଛପଟକୁ ଯାଞ୍ଚ କରିଥିଲେ। ହେଲେ କିଛି ହୋଇ ନଥିବା ଜାଣିବାକୁ ପାଇବା ପରେ ସେ ଗାଡ଼ିରେ ଯାଇ ବସିପଡ଼ିଥିଲେ। ଏହି ସମୟରେ ଦୁର୍ବୃତ୍ତ ଜଣକ ପଛପଟେ ଥିବା ଟଙ୍କା ବ୍ୟାଗ୍ ନେଇଯାଇଥିଲା। କିଛି ଦୂର ଯିବା ପରେ ସେମାନେ ବ୍ୟାଗ୍ ଆଉ ନଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସନ୍ତୋଷ ନନ୍ଦଙ୍କ ପରଲୋକ

**ସମ୍ବଲପୁର, ୧।୩(ସମିସ):** ସମ୍ବଲପୁର କମଳି ବଜାର ଠାରେ ଥିବା ପ୍ରତିଷ୍ଠିତ ଆନନ୍ଦ ହୋଟେଲର ମାଲିକ ସନ୍ତୋଷ କୁମାର ନନ୍ଦଙ୍କ ଆଜି ପରଲୋକ ହୋଇଯାଇଛି। ଗତ କିଛି ଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ଜଣେ ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଭାବରେ ସେ ବେଶ ଜଣାଶୁଣା ଥିଲେ। ଗରିବ ଓ ଅସହାୟ ଲୋକଙ୍କୁ ସେ ସବୁବେଳେ ସାହାଯ୍ୟ ଓ ସହଯୋଗ କରିବା ସହିତ ମାଗଣା ଭୋଜନ ପ୍ରଦାନ କରୁଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।



## ସରକାରୀ ଯୋଜନା ଉପରେ ସଚେତନତା

**ସମ୍ବଲପୁର, ୧।୩(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ସମ୍ବଲପୁରସ୍ଥିତ ଚାରପାଲି ଗ୍ରାମରେ ହସ୍ତତନ୍ତ ବୁଣାକାରଙ୍କ ପାଇଁ ସରକାରୀ ଯୋଜନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବୁଣାକାରମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଯଥା ଜୀବନ ବୀମା ଯୋଜନା, ସ୍ୱାସ୍ଥ୍ୟ ବୀମା ଯୋଜନା, ମଙ୍ଗାଶାଳ ନିର୍ମାଣ, ରିହାତି ଦରରେ ମଙ୍ଗା କିଣିବା, ପ୍ରଶିକ୍ଷଣ ଯୋଜନା, ବାଣିଜ୍ୟ ମେଳା ଓ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା, ରିହାତି ଦରରେ ସୂତା ଯୋଗାଇଦେବା, ସୌର ବିଦ୍ୟୁତର ଉପକରଣ, ସ୍ୱଳ୍ପ ମିଆଦି ଋଣ ଯୋଜନା ଓ ମାହାତ୍ମା ଗାନ୍ଧୀ ବୁଣାକାର ବୀମା ଯୋଜନା ଇତ୍ୟାଦି ଉପରେ ବୁଣାକାରମାନଙ୍କୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ଅଧ୍ୟାପକ ସୁବାଷ ଚନ୍ଦ୍ର ଝାଙ୍କର, ଅଧ୍ୟାପିକା ଶୁଭେଚ୍ଛା ନାୟକ ଏବଂ ଗବେଷକ ବିକାଶ ସେଠୀ, ଗବେଷିକା ଅରୁଣା ଶର୍ମା ସମେତ ବାଣିଜ୍ୟ ବିଭାଗର ସ୍ନାତୋତ୍ତର ଛାତ୍ର ଛାତ୍ରୀ ମଧ୍ୟରେ ଦେବାଶିଷ ପରେଶ୍, ଦେବାଂଶ, ମୁକେଶ୍, ବୈଶାଳୀ, ଚିନ୍ମୟୀ, ସାକ୍ଷୀ ଆଦି ଉପସ୍ଥିତ ଥିଲେ।

# କଳାମାଟି ପଞ୍ଚାୟତରେ ମହିଳା ସମାବେଶ

**ବୁର୍ଲା, ୧।୩(ସମିସ):** ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ମାଁ କଟାଶିରା କଲ୍ୟାଣ ମଣ୍ଡପଠାରେ ବିଜେପି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ତଥା ବିଜେପି ଜିଲ୍ଲା ଉପସଭାନେତ୍ରୀ ଡ. ସୁଷମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସମ୍ବଲପୁର ଲୋକସଭା ପ୍ରଭାରୀ ତଥା ବରଗଡ଼ ଜିଲ୍ଲା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମୁକ୍ତା ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ବରଗଡ଼ ଲୋକସଭା ପ୍ରଭାରୀ ସବିତା ନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନକଉଡ଼ା ଜୋନ-୨ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସଂଯୁକ୍ତା ପଧାନ, କରଡୋଲାର ପୂର୍ବତନ ସରପଞ୍ଚ ତଥା ଗୋଶାଳା ମଣ୍ଡଳ ସଭାନେତ୍ରୀ ବିଶ୍ୱବନ୍ଧ୍ୟା ବଢେଇ, ବାସନ୍ତପୁର ସରପଞ୍ଚ ସସ୍ମିତା ରଣା ପ୍ରମୁଖ କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ୫୦୦ ରୁ ଅଧିକ ମହିଳା ଯୋଗଦାନ କରିଥିବା ବେଳେ ଶତାଧିକ ମହିଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦାନ କରିଥିଲେ। ରେଙ୍ଗାଲି ବିଧାୟକଙ୍କ ସହଧର୍ମିଣୀ ମମତା ନାୟକ ଉପସ୍ଥିତ ରହି ନାଉରି ନାୟକ ଅଞ୍ଚଳରେ ବିଧାୟକଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।



# ହୋମିଓପାଥି ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ

**ସମ୍ବଲପୁର, ୧।୩(ସମିସ):** ମାଝିପାଲିସ୍ଥିତ ଓଡ଼ିଶା ସରକାରୀ ହୋମିଓପାଥି ଭେଷଜ ମହାବିଦ୍ୟାଳୟଠାରେ ଓଡ଼ିଶା ସରକାରଙ୍କ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ହୋଇଯାଇଛି। ହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦୀପ୍ତିକାନ୍ତ ସିଂହ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଜ୍ୟୋସ୍ନାମଇ ମହାରଣା ଯୋଗ ଦେଇଥିଲେ। ଆଇୱାଇଡିପି ନୋଡାଲ ଅଫିସର୍ ଡ଼. ମହେନ୍ଦ୍ର ଧରୁଆ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଏଥିରେ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷାପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ସମ୍ବଲପୁରରେ ଏକ ଶିଳ୍ପ ଗ୍ରାମ ହେବାର ଆବଶ୍ୟକତା ରହିଛି

# ଆଦିବାସୀଙ୍କ ଉତ୍ପାଦିତ ଦ୍ରବ୍ୟର ଚାହିଦା ବଢ଼ିଛି

**ସମ୍ବଲପୁର, ୧।୩(ସମିସ):** କେନ୍ଦ୍ର ସରକାର ଅଧିନସ୍ଥ ଟ୍ରାଇଫେଡ ଓ ଏମଏସଏମଇ ବିଭାଗ ପକ୍ଷରୁ ସମ୍ବଲପୁର ପିଏଚଡି ବିର୍ସା ମୁଣ୍ଡା ମୈଦାନରେ ସା ପରିଚୟ ଫାଉଣ୍ଡେସନ ଦ୍ୱାରା ଜାତୀୟ ଆଦିବାସୀ ମେଳା ହେଉଛି। ଆଜି ମୁଖ୍ୟ ଅତିଥି ଭାବରେ ଟି.ପି. ଡବ୍ଲ୍ୟୁ.ଓ.ଡି.ଏଲ. ସମ୍ବଲପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇ. ଡମ୍ବରୁଧର ଓଝା, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସମାଜସେବୀ ତଥା ଅଭିନେତା ସୂର୍ଯ୍ୟ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପୌର ଅଧିକାରୀ ଅପର୍ଣ୍ଣା ପାଢ଼ୀ ଓ ସମାଜସେବୀ ଦିଲୀପ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ସା ପରିଚୟ ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ସୁବାଶିଷ ଦାସ, ଅମୀୟ କୁମାର ମହାନ୍ତି ଓ ଚନ୍ଦ୍ରଶେଖର ଦାସ ଓ ଆଲୋକ ପଣ୍ଡା ଙ୍କର ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ସାଂସ୍କୃତିକା ପୁରୋହିତ ସଂଯୋଜନା କରିଥିଲେ। ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଇ. ଓଝା ଜନଜାତି ଙ୍କର ଉଦ୍ଦେଶ୍ୟ ରେ ଆୟୋଜିତ ଏହି ମେଳା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବକ୍ତବ୍ୟ ଦେଇଥିବା ବେଳେ ମୁଖ୍ୟବକ୍ତା ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ସହରରେ ଏହି ଜାତୀୟ ଆଦିବାସୀ ମେଳାର ଆୟୋଜନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ବଲପୁରରେ ଏହିପରି ମେଳା ପାଇଁ ଏକ ସୁନ୍ଦର ଶିଳ୍ପୀ ଗ୍ରାମ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ଶ୍ରୀ ପାଣିଗ୍ରାହୀ ଏହା ମଧ୍ୟ କହିଥିଲେ ଯେ ଜନଜାତି ମାନେ ହେଉଛନ୍ତି ଆମର ଐତିହ୍ୟ ଓ ସାଂସ୍କୃତିକ ପରମ୍ପରା କୁ ବଞ୍ଚାଇ ରଖିଥିବା ଗୋଷ୍ଠି, ତେଣୁ ସେମାନଙ୍କୁ ପ୍ରୋତ୍ସାହନ ଦେବା ଅତ୍ୟନ୍ତ ଜରୁରୀ। ସମ୍ମାନିତ ଅତିଥି ସୁଶ୍ରୀ ପାଢ଼ୀ ଓ ଅଗ୍ରୱାଲ ମଧ୍ୟ ଏହି ଆୟୋଜକ କୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ବିଶିଷ୍ଟ ଜନଜାତି ସାଂସ୍କୃତିକ ସଂଯୋଜିକା ପଦ୍ମିନୀ ଟପ୍ପୋଙ୍କର ସଂଯୋଜନା ରେ ସୁନ୍ଦରଗଡ଼ ଜିଲ୍ଲାର କଳାକାର ମାନେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।

# ବକେୟା ବିଦ୍ୟୁତ୍ ଦେୟ ଛାଡ଼ ଟିପିଡବ୍ଲ୍ୟୁଓଡିଏଲ୍‌ର ଅଧିକାର ପରିସରଭୁକ୍ତ ନୁହେଁ

**ସମ୍ବଲପୁର/ବୁର୍ଲା, ୧।୩(ସମିସ)**

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏଲ ଜନସାଧାରଣ ତଥା ଏହାର ସମସ୍ତ ଗ୍ରାହକଙ୍କ ଅବଗତ ନିମନ୍ତେ ଏହା ପ୍ରକାଶ କରୁଅଛି ଯେ, ବିଗତ କିଛି ଦିନ ଧରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଗ୍ରାମାଞ୍ଚଳରେ ଏକ ବିଭ୍ରାନ୍ତିକର ତଥ୍ୟ କିଛି ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ଅପପ୍ରଚାର କରାଯାଉଅଛି କି, ବିତରକ କମ୍ପାନୀ ଆଗାମୀ ଦିନରେ ବକେୟା ବିଦ୍ୟୁତ୍ ଦେୟ ଛାଡ଼ କରିଦେବ। ତେଣୁ ବିଦ୍ୟୁତ୍ ବିଲ୍ ପୈଠ ନ କରିବା ନେଇ ଉକ୍ତ ଅସାଧୁ ବ୍ୟକ୍ତିମାନେ ଗ୍ରାହକମାନଙ୍କୁ ମନ୍ତ୍ରଣା ଦେଉଅଛନ୍ତି। ଏତଦ୍ ଦ୍ୱାରା ଟିପିଡବ୍ଲୁଓଡିଏଲ୍ ଏହି ସ୍ପଷ୍ଟୀକରଣ ପ୍ରଦାନ କରୁଅଛି ଯେ, କୌଣସି ପ୍ରକାରର (ଘରୋଇ, ବାଣିଜ୍ୟିକ, ଶିଳ୍ପ କିମ୍ବା କୃଷି) ଅନ୍ତର୍ଭୁକ୍ତ ଗ୍ରାହକଙ୍କ ବକେୟା ବିଦ୍ୟୁତ୍ ଦେୟ ଛାଡ଼ କରିବା ବିତରକ ସଂସ୍ଥାର ଅଧିକାର ପରିସରଭୁକ୍ତ ନୁହେଁ। ନିୟମାବଳୀ ୨୦୨୨ର ସମସ୍ତ ସର୍ତ୍ତ ପାଳନପୂର୍ବକ ବିତରକ କମ୍ପାନୀ ସଠିକ୍ ସମୟରେ ମାସିକ ବିଦ୍ୟୁତ୍ ବିଲ୍ ପ୍ରଦାନ କରିବା ଏବଂ ଦେୟ ଆଦାୟ କରିବା ପାଇଁ ବିଭିନ୍ନ ପ୍ରକାର ମାଧ୍ୟମ ପ୍ରଚଳନ କରିଅଛି। ସମସ୍ତ ଗ୍ରାହକ ପ୍ରଚଳିତ (ଅନଲାଇନ୍ ଏବଂ ଅଫଲାଇନ୍) ମାଧ୍ୟମରେ ମାସିକ ଦେୟ ତଥା ପୂର୍ବ ବକେୟା ସହିତ ବିଲ୍ ପୈଠ କରିବା ଆବଶ୍ୟକ। ଏଠାରେ ପ୍ରକାଶ କରାଯାଉଅଛି ଯେ, ମାନ୍ୟବର ଆୟୋଗ ବ୍ୟବସାୟର ବିଭିନ୍ନ ପକ୍ଷକୁ ଅନୁଧ୍ୟାନ କରି ପ୍ରତ୍ୟେକ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ୍ ଦର ନିର୍ଦ୍ଧାରଣ କରିଥାନ୍ତି। ଏହିପରି ଭାବେ ଆଗାମୀ ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ ମାନ୍ୟବର ଆୟୋଗ ବିଦ୍ୟୁତ୍ ଦର ନିର୍ଦ୍ଧାରଣ କରିସାରିଛନ୍ତି। ଯାହା ବିଗତ ଦିନରେ ବିଭିନ୍ନ ଗଣମାଧ୍ୟମରେ ବିତରକ କମ୍ପାନୀ ଦ୍ୱାରା ପ୍ରକାଶିତ କରାଯାଇଅଛି। ସେହିପରି ଗ୍ରାହକଙ୍କ ସୁବିଧା ନିମନ୍ତେ କମ୍ପାନୀ ହଜାର ହଜାର ବ୍ୟକ୍ତିଙ୍କୁ ବିଭିନ୍ନ ମାଧ୍ୟମରେ ନିଯୁକ୍ତି କରି ସେମାନଙ୍କୁ ଗ୍ରାହକଙ୍କ ଘର ଘର ବୁଲି ବିଲ୍ ଯୋଗାଇବା ତଥା ଦେୟ ଆଦାୟ କରିବା କାର୍ଯ୍ୟରେ ନିୟୋଜିତ କରାଇଅଛି। ଗ୍ରାହକମାନେ ମଧ୍ୟ ସମସ୍ତ ଅନଲାଇନ୍ ମାଧ୍ୟମରେ ନିଜର ଚଳିତ ତଥା ବକେୟା ବିଦ୍ୟୁତ୍ ଦେୟ ପୈଠ କରିପାରିବେ ଏବଂ ମାନ୍ୟବର ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ରିହାତ ମଧ୍ୟ ପାଇପାରିବେ। ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଟାଟା ସମୂହ ସଂସ୍ଥାର ଏକ ଅଂଶୀଦାର ଭାବେ ସରକାର ଏବଂ ମାନ୍ୟବର ଆୟୋଗଙ୍କ ନିର୍ଦ୍ଦେଶକୁ ପ୍ରତ୍ୟେକ ସମୟରେ ଅକ୍ଷରେ ଅକ୍ଷରେ ପାଳନ କରୁଅଛି। ଏଣୁ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି ଯେ, କୌଣସି ପ୍ରକାରର ଅପପ୍ରଚାରକୁ ଗ୍ରହଣ ନ କରି ଗ୍ରାହକମାନେ ସଠିକ୍ ସମୟରେ ବିଦ୍ୟୁତ୍ ଦେୟ କମ୍ପାନୀ ଦ୍ୱାରା ନିୟୋଜିତ ଏଜେଣ୍ଟ ତଥା ଅନଲାଇନ ମାଧ୍ୟମରେ କିମ୍ବା ଟିପିଡବ୍ଲୁଓଡିଏଲର ନିକଟସ୍ଥ କାର୍ଯ୍ୟାଳୟରେ ପୈଠ କରି ରିହାତି ତଥା ଅନବରତ ବିଦ୍ୟୁତ୍ ସେବାର ଲାଭ ଉଠାନ୍ତୁ। ଯଦି କୌଣସି ଗ୍ରାହକ ନିର୍ଦ୍ଦିଷ୍ଟ ଭାବେ ବିଦ୍ୟୁତ୍ ଦେୟ ପୈଠ କରିବା ନେଇ କୌଣସି ପ୍ରକାରର ସ୍ପଷ୍ଟୀକରଣ ଚାହାଁନ୍ତି, ତେବେ ସେମାନେ ନିର୍ଦ୍ୱନ୍ଦରେ ଟିପିଡବ୍ଲୁଓଡିଏଲର ନିକଟସ୍ଥ କାର୍ଯ୍ୟାଳୟରେ ଯୋଗାଯୋଗ କରିପାରିବେ ତଥା କମ୍ପାନୀ ଦ୍ୱାରା ପ୍ରଦତ ନିଶୁଳ୍କ ନମ୍ବର: ୧୮୦୦-୩୪୫୬-୭୯୮ କୁ ଫୋନ୍ କରିପାରିବେ। ସେହିପରି ଅଧିକ ବିବରଣୀ ଜାଣିବା ପାଇଁ ଗ୍ରାହକମାନେ କମ୍ପାନୀର ଅଫିସିଆଲ୍ ୱେବସାଇଟରେ ପରିଦର୍ଶନ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ଜଗବନ୍ଧୁ ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ସମ୍ବଲପୁର, ୧।୩ (ସମିସ):** ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ପୂର୍ବତନ ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରାଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ତରଫରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ବିଦାୟୀ ଜଗବନ୍ଧୁ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ତଥା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତ ରହିଥିଲେ। ଶ୍ରୀ ବେହେରାଙ୍କ କ୍ରୀଡ଼ା କ୍ଷେତ୍ରରେ ଦୀର୍ଘଦିନର ଅବଦାନ, କାର୍ଯ୍ୟାବଳୀ ତଥା ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଅଫିସ୍ ସହକାରୀ ପ୍ରହଲ୍ଲାଦ ରୋହିଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

